୬ ବାରବାଟୀ ଦିନିକିଆ ପାଇଁ ଅଫଲାଇନ୍ ଟିକେଟ ବିକ୍ରି
ଆରମ୍ଭ : ପିଚ୍ ନିରୀକ୍ଷଣ କଲେ କ୍ୟୁରେଟର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୯ ● ୪ ଫେବୃଆରୀ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-9 ● 4th February 2025, Tuesday ● Bhubaneswar

Licensed to post without pre-payment of postage No- BN-60/25-27

## ଓଡ଼ିଶା ପାଇଁ ହାତ ଖୋଲିଦେଲେ କେନ୍ଦ୍ର ସରକାର

# ରେଳବାଇ କ୍ଷେତ୍ରରେ ୧୦,୫୯୯ କୋଟି ବ୍ୟୟବରାଦ

**ନୂଆଦିଲ୍ଲୀ, ୩।୨**

କେନ୍ଦ୍ର ସରକାର ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ଓଡ଼ିଶାର ରେଳବାଇ କ୍ଷେତ୍ର ପାଇଁ ୧୦୫୯୯ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ୨୦୨୪ ବଜେଟରେ ଏହି ପରିମାଣ ୧୦୫୮୬ କୋଟି ଟଙ୍କା ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରର ଦ୍ୱିତୀୟ ବର୍ଷର ବଜେଟରେ ପୁଣିଥରେ ଓଡ଼ିଶାର ରେଳବାଇ କ୍ଷେତ୍ର ପାଇଁ ୧୦ହଜାର କୋଟି ଟଙ୍କାରୁ ଅଧିକ ବଜେଟ ବ୍ୟୟବରାଦ ହୋଇଛି ।

ସୋମବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୨୦୨୫-୨୬ ଆର୍ଥିକ ବର୍ଷର କେନ୍ଦ୍ର ବଜେଟରେ ଓଡ଼ିଶାର ରେଳବାଇ କ୍ଷେତ୍ର ପାଇଁ ୧୦୫୯୯କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ବିଗତ ୩ଟି ଆର୍ଥିକ ବର୍ଷରେ ଓଡ଼ିଶାର ରେଳବାଇ କ୍ଷେତ୍ରକୁ ବଜେଟରେ ୧୦ ହଜାର ଟଙ୍କାରୁ ଅଧିକ ବ୍ୟୟବରାଦ ହେଉଛି । ୨୦୨୪-୨୫ ଆର୍ଥିକ ବର୍ଷର କେନ୍ଦ୍ର ବଜେଟରେ ଓଡ଼ିଶାର



ରେଳବାଇ କ୍ଷେତ୍ର ପାଇଁ ୧୦୫୮୬ କୋଟି ଟଙ୍କା, ୨୦୨୩-୨୪ରେ ୧୦୦୧୨ କୋଟି ଟଙ୍କାର ଅନୁଦାନ ମିଳିଥିଲା। କେନ୍ଦ୍ରରେ ୟୁପିଏ ସରକାର ସମୟରେ ଓଡ଼ିଶାକୁ ମାତ୍ର ୮୩୮କୋଟି ଟଙ୍କା ରେଳବାଇ କ୍ଷେତ୍ର ପାଇଁ ମିଳୁଥିଲା। କିନ୍ତୁ ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱତନ୍ତ୍ର ଫୋକସ ରହିଛି, ଯେଉଁଥିପାଇଁ ଓଡ଼ିଶାର ରେଳବାଇ କ୍ଷେତ୍ରରେ ଏବେ ୭୮ହଜାର କୋଟି ଟଙ୍କାର ନିବେଶ ହୋଇଛି । ସବୁଠୁ ବଡ଼କଥା ହେଲା ଗତ ଜୁଲାଇରୁ ଆଜି ପର୍ଯ୍ୟନ୍ତ ୨୦ହଜାର କୋଟି ଟଙ୍କାର ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଅନୁମୋଦନ କରିଛନ୍ତି । ଅମୃତ ଭାରତ ଯୋଜନାରେ ଓଡ଼ିଶାର ୫୯ଟି ନୂଆ ରେଳଷ୍ଟେସନ କାର୍ଯ୍ୟ ଜାରି ରହିଛି । ଏବେ ରାଜ୍ୟରେ ୬ଟି ବନ୍ଦେ ଭାରତ ଟ୍ରେନ ଚାଲିଥିବାବେଳେ ଖୁବଶୀଘ୍ର ଆଉ ନୂଆ ଟ୍ରେନ ଚାଲିବ। ଓଡ଼ିଶାରେ ରେଳବାଇର ୧୦୦ ପ୍ରତିଶତ ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହୋଇଛି।

ବିଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରେ ୨୦୪୬କିମିର ନୂଆ ରେଳବାଇଲାଇନ ନିର୍ମାଣ ହୋଇଛି, ଯାହାକି ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳଲାଇନଠାରୁ ଅଧିକ। ଆଗାମୀ ୬ବର୍ଷ ମଧ୍ୟରେ ଯାତ୍ରୀ ସୁରକ୍ଷା ନିମନ୍ତେ କବଚ ସୁରକ୍ଷା ଇନଷ୍ଟେଲେସନ କାର୍ଯ୍ୟ ଶେଷ ହେବ। ୨୦୨୪ ଜୁଲାଇରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା । ଓଡ଼ିଶାରେ ୧୮୮୮ କିମି ରେଳଲାଇନ୍‌ରେ କବଚ ଇନଷ୍ଟେଲେସନ ଚାଲିଛି। ଚଳିତବର୍ଷ ବଜେଟରେ ୧ଲକ୍ଷ ୫୪ହଜାର କୋଟି ଟଙ୍କା କେବଳ ରେଳବାଇ କ୍ଷେତ୍ରରେ ସୁରକ୍ଷା ନିମନ୍ତେ ବ୍ୟୟବରାଦ ହୋଇଛି। ୨୩୪ଟି ଷ୍ଟେସନରେ ୱାଇଫାଇ କାମ ସମାପ୍ତ ହୋଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ସୂଚନାଯୋଗ୍ୟ, ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ୨୦୨୫-୨୬ କେନ୍ଦ୍ର ବଜେଟରେ ଓଡ଼ିଶାର ରେଳବାଇ କ୍ଷେତ୍ରର ବିକାଶ ପାଇଁ କେଉଁ ବାବଦରେ କେତେ ବ୍ୟୟବରାଦ ହୋଇଛି ତା'ର ବିସ୍ତୃତ ତଥ୍ୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

# ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି ଓ ତାଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ପଦକ୍ଷେପ ନେଉଛନ୍ତି

**ଭୁବନେଶ୍ୱର, ୩।୨**
**ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ଅଷ୍ଟମ ପାଳି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକ କ୍ରିୟାଶୀଳ ହୋଇଛି । ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି ।

ସୋମବାର ବୌଦ୍ଧ ଜିଲ୍ଲାର ହେରମ୍ବ ଗିରି ତାଙ୍କ ୭ ବର୍ଷର ଝିଅ ପ୍ରତ୍ୟୁଷା ଗିରିଙ୍କୁ ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ । ଝିଅଟି ଜେରୋଡର୍ମା ନାମକ ଏକ ଜଟିଳ ରୋଗରେ ପୀଡ଼ିତ । ଏହି ରୋଗର ଚିକିତ୍ସା ମଧ୍ୟ ବହୁ ବ୍ୟୟସାପେକ୍ଷ । ଗତ ଡିସେମ୍ବର ୩୦ ତାରିଖରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଆସି ଦେଖା କରିଥିଲେ । ମୁଖ୍ୟମନ୍ତ୍ରୀ ପିଲାଟିର ଅବସ୍ଥା ଦେଖି ତାକୁ ତୁରନ୍ତ କ୍ୟାପିଟାଲ ହସପିଟାଲ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କଟକ ବଡ଼ ମେଡିକାଲକୁ ପଠାଇ ତା'ର ଚିକିତ୍ସା ବ୍ୟବସ୍ଥା କରିଥିଲେ । ଏକମାସ ଚିକିତ୍ସା ହୋଇ ଫେରିବା ପରେ ସେ ସୋମବାର ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଆସି ସହାୟତା ପାଇଁ ଦେଖା କଲେ । ମୁଖ୍ୟମନ୍ତ୍ରୀ ଗୋଟିଏ ପିଲାର କଷ୍ଟ ଓ ତା' ବାପା ମା'ଙ୍କ ଅସହାୟତାକୁ ହୃଦୟଙ୍ଗମ




କରି ଅଭିଯୋଗ ପ୍ରକୋଷ୍ଠରେ ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ତ୍ୱରିତ ସହାୟତା ଅନୁମୋଦନ କରି ତୁରନ୍ତ ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲେ । ଏଥି ସହିତ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୋଟିଏ ଘର ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ହେରମ୍ବ ଗିରି ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ମୁଁ ଯେଉଁ ଆଶା ନେଇ ଆସିଥିଲି ସେହି ଆଶା ପୂରଣ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଋଣ ମୁଁ କେବେ ଶୁଝି ପାରିବି ନାହିଁ ।

ସେହିପରି ଆଉ ଜଣେ ଥିଲେ ବଲାଙ୍ଗୀରର ରତନ କାଲଶେ । ତାଙ୍କ ୧୬ ବର୍ଷର ଭିନ୍ନକ୍ଷମ ପୁଅ ଆଲୋକ କାଲଶେକୁ ସାଙ୍ଗରେ ନେଇ ଆସିଥିଲେ । ପିଲାଟି ବସି ପାରୁନି କି ଚାଲିବୁଲି ପାରୁନି । ପିଲାର କଷ୍ଟ ଓ ତା' ବାପା ମୁହଁର ଦୁଃଖ ଦେଖି ତାକୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସପିଟାଲ ପଠାଇ ତା'ର ଚିକିତ୍ସା ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିଥିଲେ ଏବଂ ସିଏମ୍‌ଆରଏଫ୍‌ରୁ ସହାୟତା ପ୍ରଦାନ କରିବା ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହିଭଳି ଅଭିଯୋଗ ପ୍ରକୋଷ୍ଠକୁ ବିଭିନ୍ନ ଆଶା ଭରସା ନେଇ ଆସୁଥିବା ଲୋକମାନଙ୍କୁ ସହାୟତା ପ୍ରଦାନ କରି ମୁଖ୍ୟମନ୍ତ୍ରୀ ତାଙ୍କ (ପୃଷ୍ଠା ୭ରେ)

## ମୋତେ ଜୀବନରୁ ମାରିଦେବାକୁ ଚାହୁଁଛନ୍ତି ସାଂଘାତିକ ଅଭିଯୋଗ ଆଣିଲେ ଶଙ୍କରାଚାର୍ଯ୍ୟ



**ଲକ୍ଷ୍ନୌ, ୩।୨**

ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ସାଂଘାତିକ ଅଭିଯୋଗ ଆଣିଛନ୍ତି । ତାଙ୍କୁ ହତ୍ୟା ଧମକ ଦିଆଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ମୌନୀ ଅମାବାସ୍ୟାର ଅମୃତ ସ୍ନାନ ସମୟରେ ଦଳାଚକଟା ସମ୍ପର୍କରେ ଶଙ୍କରାଚାର୍ଯ୍ୟ କୁମ୍ଭ ବ୍ୟବସ୍ଥାରେ ଉତ୍ତର ପ୍ରଦେଶ ସରକାରଙ୍କ ଅବହେଳାର ଅଭିଯୋଗ ଆଣି କହିଛନ୍ତି, ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟାକୁ ଲୁଚାଇ ଦିଆଯାଉଛି। ପ୍ରକୃତ ସଂଖ୍ୟା ପ୍ରକାଶ କରାଯାଉ ନାହିଁ।

ଶଙ୍କରାଚାର୍ଯ୍ୟ ଦୁର୍ଘଟଣା ସମ୍ପର୍କରେ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହା ଉପରେ ତାଙ୍କୁ ପଚରାଯାଇଥିଲା ଯେ ଶାସକ ଦଳ ତାଙ୍କୁ ଏପରି ବୟାନ ନ ଦେବାକୁ କହିଥିଲା (ପୃଷ୍ଠା ୭ରେ)

# ବଦଳିବ ବହୁ ରାଜସ୍ୱ ନିୟମ: ସୁରେଶ ପୂଜାରୀ



**ଝାରସୁଗୁଡା, ୩।୨ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ରାଜସ୍ୱ ସେବାର ବହୁ ନିୟମର ଖୁବଶୀଘ୍ର ସରକାର ପରବର୍ତ୍ତନ ଆଣିବେ। ସେଥିମଧ୍ୟରେ ଓଡ଼ିଶା ପ୍ରିଭେନସନ ଅଫ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ ଆକ୍ଟ ଏବଂ ଓଡ଼ିଶା ଲ୍ୟାଣ୍ଡ ସେଟଲମେଣ୍ଟ ଆକ୍ଟରେ ଅନେକ ସଂଶୋଧନ ରହିଛି। ସୋମବାର ଝାରସୁଗୁଡ଼ା ଜିଲ୍ଲା ଗସ୍ତ ସମୟରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି ସଂଶୋଧନ ପରେ ୪ ଡେସିମିଲରୁ କମ ଜମି ଥିବା ଲୋକଙ୍କୁ ଭୂମିହୀନ ଭାବରେ ପରିଗଣିତ କରାଯିବ। ଯାହାର ୨ ଡେସିମିଲ ଜମି ଥିବ ତାଙ୍କୁ ଅତିରିକ୍ତ ଦୁଇ ଡେସିମିଲ ଜମି ଦେବୁ, ଯାହାର ୩ ଡେସିମିଲ ଥିବ ତାକୁ ୧ ଡେସିମିଲ ଜମି ଦିଆଯିବ। ସେମାନଙ୍କ ଜମିଥିବା ସ୍ଥାନରେ ଅତିରିକ୍ତ ଜମି ଦେବାକୁ ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯିବ। ସରକାରଙ୍କ ଠାରୁ ମିଳୁଥିବା ଏହି ଜମିକୁ ୧୦ (ପୃଷ୍ଠା ୭ରେ)

# ଚାକିରି ଯୋଗାଇବାରେ ୟୁପିଏ ଏବଂ ଏନଡିଏ ବିଫଳ: ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୩।୨**

ବଜେଟ ଅଧିବେଶନର ତୃତୀୟ ଦିନରେ ସଂସଦରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସ୍ୱୀକାର କରିଛନ୍ତି ଯେ, ଦେଶରେ ବେରୋଜଗାର ଯୁବକମାନଙ୍କୁ ଚାକିରି ଦେବାରେ ଉଭୟ ୟୁପିଏ ଏବଂ ଏନଡିଏ ସରକାର ବିଫଳ ହୋଇଛନ୍ତି।

ଏ ଦେଶର ଭବିଷ୍ୟତ ଭାରତର ଯୁବପିଢ଼ିଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ। ମୁଁ ଭାବୁଛି ଆମେ ଯାହା କହୁଛୁ ତାହା ସେମାନଙ୍କୁ ସମ୍ବୋଧିତ କରାଯିବା ଉଚିତ। ଆମ ସମ୍ମୁଖରେ ପ୍ରଥମ କଥା ହେଉଛି, ଯଦିଓ ଆମେ ଅଭିବୃଦ୍ଧି କରିଛୁ ଏବଂ ଏପର୍ଯ୍ୟନ୍ତ



କରୁଛୁ କିନ୍ତୁ ଆମେ ବେକାରୀର ସାର୍ବଜନୀନ ସମସ୍ୟାର ମୁକାବିଲା କରିପାରିନାହୁଁ ବୋଲି ରାହୁଲ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଯୁବପିଢ଼ିଙ୍କୁ ନିଯୁକ୍ତି ବିଷୟରେ ସ୍ପଷ୍ଟ ଉତ୍ତର ଦେଇନାହାଁନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବରେ (ପୃଷ୍ଠା ୭ରେ)

# ଦିଲ୍ଲୀ ନିର୍ବାଚନ ପାଇଁ ଶେଷ ହେଲା ପ୍ରଚାର

**ନୂଆଦିଲ୍ଲୀ, ୩।୨**

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସୋମବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି । ଫେବୃଆରୀ ୫ ରେ ମତଦାନ ହେବ ଏବଂ ଫେବୃଆରୀ ୮ ରେ ଫଳାଫଳ ପ୍ରକାଶ ପାଇବ । ପ୍ରଚାରର ଶେଷ ଦିନରେ ରାଜନୈତିକ ଦଳ ଓ ନେତାମାନେ ଜନସାଧାରଣଙ୍କ ନିକଟରେ ପହଞ୍ଚିଥିଲେ। ଫେବୃଆରୀ ୫ରେ ଦିଲ୍ଲୀର ୧୫.୬ ନିୟୁତ ମତଦାତା ସେମାନଙ୍କ ମତଦାନ ଅଧିକାର ବ୍ୟବହାର କରିବେ।

ଏହା ପୂର୍ବରୁ ନିର୍ବାଚନ ଆୟୋଗ ଫେବୃଆରୀ ୫ ତାରିଖ ସକାଳ ୭ଟାରୁ ସନ୍ଧ୍ୟା



ସାଢ଼େ ୬ଟା ପର୍ଯ୍ୟନ୍ତ ଏକ୍‌ଜିଟ ପୋଲ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏ ନେଇ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ବାଚନ ଆୟୋଗ ତାଙ୍କ ଆଦେଶରେ କହିଛନ୍ତି ଯେ ସାଧାରଣ ଜନତା, ବିଶେଷ କରି ନ୍ୟୁଜ ବ୍ୟୁରୋ, ମିଡିଆ ହାଉସ୍, ରେଡିଓ ଏବଂ ଟେଲିଭିଜନ ଚ୍ୟାନେଲ ଇତ୍ୟାଦି ଭାରତୀୟ ନିର୍ବାଚନ (ପୃଷ୍ଠା ୭ରେ)

# ଷ୍ଟାର୍ଟଅପ ପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟରେ ହେବ ନୂଆ ପାଣ୍ଠି

**ନୂଆଦିଲ୍ଲୀ, ୩।୨**

କେନ୍ଦ୍ର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ୨୦୨୫-୨୬ ବଜେଟ ସମସ୍ତ କ୍ଷେତ୍ରରେ ସନ୍ତୁଳିତ ବିକାଶ ଏବଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ସହିତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ 'ସବକା ବିକାଶ'ର ସ୍ୱପ୍ନକୁ ସାକାର କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। କେନ୍ଦ୍ର ବଜେଟରେ ଏମଏସଏମଇକୁ ଦେଶର ବିକାଶ କାହାଣୀର ଏକ ଶକ୍ତିଶାଳୀ ଉପକରଣ ଭାବରେ ବର୍ଣ୍ଣନା କରାଯାଇଛି। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ସମନ୍ୱିତ ବିକାଶ ସୁନିଶ୍ଚିତ କରିବାରେ ଏମଏସଏମଇଗୁଡ଼ିକୁ




ସହାୟତା କରିବା ପାଇଁ ବଜେଟରେ ଅନେକ ବିକାଶମୂଳକ ପଦକ୍ଷେପ ପ୍ରସ୍ତାବ ଦିଆଯାଇଛି।

ସଂସଦରେ ବଜେଟ ଉପସ୍ଥାପନ କରିବା ସମୟରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ଏମଏସଏମଇ ଗୁଡ଼ିକ ପାଇଁ ବର୍ଗୀକରଣ ସମ୍ବନ୍ଧୀୟ ନିବେଶ ଏବଂ ବ୍ୟବସାୟ ସୀମା ଯଥାକ୍ରମେ ୨.୫ ଏବଂ ୨ ଗୁଣ ବୃଦ୍ଧି କରାଯିବ। ଏହା ସେମାନଙ୍କୁ ବୃହତ ଉଦ୍ୟୋଗ ହେବା ଏବଂ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆତ୍ମବିଶ୍ୱାସ ଦେବ ବୋଲି ସେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ (ପୃଷ୍ଠା ୭ରେ)

## ୫ରୁ ଆରମ୍ଭ ହେବ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ

**ଭୁବନେଶ୍ୱର, ୩।୨**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୫ ତାରିଖରୁ ଆରମ୍ଭ ହେବ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ । ଯାହା ୭ ତାରିଖ ପର୍ଯ୍ୟନ୍ତ ଖଣ୍ଡଗିରି ପାଦୁକା ମଞ୍ଚରେ ଚାଲିବା ସହ ପ୍ରଦର୍ଶିତ ହେବ ଓଡ଼ିଶୀ, ପାଇକ, ଗୀତନାଟ୍ୟ, ସମ୍ବଲପୁରୀ, ମୋଗଲ ତାମସା । ପୂର୍ବ ସରକାର ସମୟରେ ନାଁ ବଦଳାଇ ଦିଆଯାଇଥିଲା । ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଖାରବେଳ ମହୋତ୍ସବର ନାଁ ପରିବର୍ତ୍ତନ ହୋଇ ଖଣ୍ଡଗିରି ଉଦୟଗିରି ମହୋତ୍ସବ ନାଁରେ ହେଉଥିଲା। କିନ୍ତୁ ଚଳିତ ଥର ଠାରୁ ପୁନର୍ବାର ପୁରାତନ ନାଁ ସହ ଯୋଡି ହେବ ଅନ୍ତର୍ଜାତିକ ଶବ୍ଦ। ଚଳିତ ବର୍ଷ ଠାରୁ ଏହି ମହୋତ୍ସବର ନାମ ରହିବ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପଖାଳ



ଖରା ତାତି ଏବେଠୁ ଅସହ୍ୟ
ମାଘ ମାସେ ଲାଗେ ଏସି
ଆଗକୁ ଆହୁରି ଚାରିମାସ ଅଛି
ପରିସ୍ଥିତି ଭାବ ବସି
ନିର୍ଲଜ ମୁହଁରେ ହସି
ପ୍ରତିଟି ଲୋକ କୁହାକୁହିହନ୍ତି
ଏଥର ଗରମ ବେଶି ।

# ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ: ଟପ୍-୧୦ରୁ ବାଦ ପଡ଼ିଲା ଭାରତ



**ନୂଆଦିଲ୍ଲୀ/ୱାଶିଂଟନ, ୩।୨**

ଫୋବର୍ସ ୨୦୨୫ରେ ବିଶ୍ୱର ୧୦ଟି ସବୁଠାରୁ ଶକ୍ତିଶାଳୀ ଦେଶର ରାଙ୍କିଂ ପ୍ରକାଶ କରିଛି । ଏଥିରେ ଭାରତକୁ ଶ୍ରେଷ୍ଠ ୧୦ରୁ ବାଦ ଦିଆଯାଇଛି। ଏହି ତାଲିକା ଅନେକ ଗୁରୁତ୍ୱପୂର୍ଣ୍ଣ ପାରାମିଟର ଉପରେ ଆଧାରିତ। କିନ୍ତୁ ଭାରତ ଭଳି ଏକ ଦେଶକୁ ବାଦ ଦିଆଯିବା ଯାହାର ଜନସଂଖ୍ୟା ବିଶାଳ, ସେନା ଚତୁର୍ଥ ଏବଂ ଅର୍ଥନୀତି ପଞ୍ଚମ ସ୍ଥାନରେ ଅଛି, ଅନେକ ପ୍ରଶ୍ନ ଉଠିଛି।

ଫୋବର୍ସ ରିପୋର୍ଟ କରିଛି ଯେ, ତାଲିକାଟି ପାଞ୍ଚଟି ମୁଖ୍ୟ ପାରାମିଟର ବ୍ୟବହାର କରାଯାଇଛି। ଏହି ତାଲିକା ଯେକୌଣସି ଦେଶର ନେତା, ଆର୍ଥିକ ପ୍ରଭାବ, ରାଜନୈତିକ ପ୍ରଭାବ, ଦୃଢ଼ ଅନ୍ତର୍ଜାତୀୟ ମେଣ୍ଟ ଏବଂ ଦୃଢ଼ ସାମରିକ ବାହିନୀ ଆଧାରରେ ପ୍ରସ୍ତୁତ କରାଯାଏ।

ଭାରତର ବିଶାଳ ଜନସଂଖ୍ୟା, ସାମରିକ ଶକ୍ତି ଏବଂ ଆର୍ଥିକ ପ୍ରଗତିକୁ ଦୃଷ୍ଟିରେ ରଖି ଏହାକୁ ଏହି ତାଲିକାରୁ ବାହାରେ ରଖିବା ଆଶ୍ଚର୍ଯ୍ୟଜନକ। ଚତୁର୍ଥ ବୃହତ୍ତମ ସେନା ଏବଂ ପଞ୍ଚମ ବୃହତ୍ତମ ଅର୍ଥନୀତି ଥିବା ସତ୍ତ୍ୱେ ଭାରତକୁ ଏହି ରାଙ୍କିଂରେ ସ୍ଥାନ ଦିଆଯାଇ ନାହିଁ। ଏହା ଅନେକ ବିଶେଷଜ୍ଞ ଏବଂ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନ ଉଠାଇଛି ଯେ ଫୋର୍ବସର ରାଙ୍କିଂ ପଦ୍ଧତି ଭାରତର ପ୍ରଭାବକୁ ସଠିକ ଭାବରେ ମୂଲ୍ୟାଙ୍କନ କରିବାରେ ବିଫଳ ହୋଇଛି।

ଏହି ରାଙ୍କିଂ ମଡେଲ ଡବ୍ଲୁପିପିର ଏକ ୟୁନିଟ ବିଏଭି ଗ୍ରୁପ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ଗବେଷଣା ଦଳର ନେତୃତ୍ୱ ନେଇଥିଲେ ପେନସିଲଭାନିଆ ବିଶ୍ୱବିଦ୍ୟାଳୟର ହ୍ୱାର୍ଟନ ସ୍କୁଲର ପ୍ରଫେସର ଡେଭିଡ ରିବଷ୍ଟାଇନ।

ଏହି ତାଲିକାର ଟପ୍‌ରେ ଆମେରିକା, ଚାଇନା ଏବଂ ଋଷିଆ (ପୃଷ୍ଠା ୭ରେ)

## ଚାଷୀ ହୋଇ ମଣ୍ଡି ବୁଲିଲେ ଜିଲ୍ଲାପାଳ ଯେଉଁଠି କଟ୍‌ନି ଛଟନି ଧରାପଡ଼ିଲା ନେଲେ କଡ଼ା କାର୍ଯ୍ୟାନୁଷ୍ଠାନ



**ଭଦ୍ରକ, ୩।୨ : ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଜଣେ ଚାଷୀ ଭାବରେ ଅଚାନକ ଅଞ୍ଚଳରେ ଥିବା ମଣ୍ଡିରେ ପହଞ୍ଚିଥିଲେ। ଧାମନଗର ବ୍ଲକ ଅଧୀନ କଟସାହି ମଣ୍ଡିରେ ପହଞ୍ଚିଥିଲେ। ବଜାରଠାରୁ ଦୂରରେ ଗାଡ଼ି ରଖି ଡ୍ରାଇଭର ଓ ସୁରକ୍ଷାକର୍ମୀଙ୍କୁ ସାଙ୍ଗରେ ନେଇଥିଲେ। ଦୀର୍ଘ ସମୟ ଜିଲ୍ଲାପାଳ ଓ ଅନ୍ୟ ଦୁଇ କର୍ମଚାରୀ ହାଟ ଓ ବଜାରରେ ବୁଲୁଥିଲେ। ହାପ ପ୍ୟାଣ୍ଟ ଓ ଟି ସାର୍ଟ ପିନ୍ଧି ଜିଲ୍ଲାପାଳ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୪ ଫେବୃୟାରୀ,ମଙ୍ଗଳବାର, ୨୦୨୫





# ଉଚ୍ଛେଦ ପ୍ରତିବାଦରେ ରାଜସ୍ୱମନ୍ତ୍ରୀଙ୍କୁ ଭେଟିଲେ ଫାର୍ମରୋଡ଼୍ ବାସୀ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**



ଶହ ଶହ ବର୍ଷ ହେଲା ରହି ଆସୁଥିବା ଫାର୍ମରୋଡ଼୍ ବାସୀଙ୍କୁ ଏକ ମାସ ମଧ୍ୟରେ ନିଜ ଘର ଓ ଦୋକାନ ଛାଡ଼ିବା ପାଇଁ ପ୍ରଶାସନ ନୋଟିସ ଜାରି କରିଛି । ଯାହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଫାର୍ମରୋଡ଼୍ ବାସିନ୍ଦା । ପ୍ରଶାସନ ପ୍ରଥମ ଦଫାରେ ଫାର୍ମରୋଡ୍ ଛକରୁ ଦିଲ୍ଲୀ ସମିଲ୍ (ଷ୍ଟେସନ ରାସ୍ତା) ଛକରେ ଘର ଓ ଦୋକାନ କରିଥିବା ବହୁ ସଂଖ୍ୟକ ବ୍ୟକ୍ତି ଓ ପରିବାରକୁ ନୋଟିସ୍ ଦିଆଯାଇଛି । ବିଗତ କିଛି ମାସ ପୂର୍ବରୁ ଷ୍ଟେସନରୁ ସଂଜୀବନୀ ନର୍ସିଂହୋମ୍ ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପ୍ରଶାସନ ଏଠାରେ ଡ୍ରେନେଜ୍ ସୁବିଧା କରିଥିଲା । ସେହି ସମୟରେ ମଧ୍ୟ ଅନେକ ଲୋକଙ୍କ ଘର ଓ ଦୋକାନକୁ ଭାଙ୍ଗି ଦିଆଯାଇଥିଲା । ତେବେ ପ୍ରଶାସନର ଭଲ କାମ ପାଇଁ ଏଠିକାର ଲୋକେ କାହାକୁ ଅଭିଯୋଗ କିମ୍ବା କୌଣସି କ୍ଷତି ପୂରଣ ମାଗି ନଥିଲେ । ବର୍ତ୍ତମାନ ଫାର୍ମରୋଡ୍‌ରୁ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ଚଉଡ଼ା ମଧ୍ୟ ରହିଛି । କିନ୍ତୁ ସଂଜୀବନି ମେଡିକାଲରୁ ମୋଡ଼ି ପଡ଼ା ରାସ୍ତା ସମ୍ପୂର୍ଣ୍ଣ ଅଣଓସାରିଆ ରହିଛି । ପ୍ରଥମେ ସେହି ଅଞ୍ଚଳ ନଭଙ୍ଗୀ ଫାର୍ମରୋଡ୍‌କୁ ପୁନର୍ବାର ଭାଙ୍ଗିବା ଅତ୍ୟନ୍ତ ଦୁଃଖ ଦାୟକ ଅଟେ । କିଛି ମାସ ଆଗରୁ ଲୋକଙ୍କ ଘର ଓ ଦୋକାନ ଭାଙ୍ଗିଥିବା କାରଣରୁ ଲୋକେ ଏପର୍ଯ୍ୟନ୍ତ ସଳଖି ଛିଡ଼ା ହୋଇନଥିବା ବେଳେ ପୁଣି ପ୍ରଶାସନର ଏଭଳି ନୋଟିସ୍‌କୁ ନିନ୍ଦା କରାଯାଇଛି । ଏହି ଅଞ୍ଚଳରେ ଅନେକ ଦିନ ମଜୁରିଆ, ସହ ଖଟିକିଆ ଓ ଛୋଟ ମୋଟ କାମ କରି ଚଳୁଥିବା ଲୋକେ ରହିଛନ୍ତି । ଏମାନଙ୍କ ଘର ଭାଙ୍ଗି ଦେଲେ ଏମାନେ ଯିବେ କୁଆଡ଼େ ବୋଲି ପ୍ରଶ୍ନ କରିଛନ୍ତି । ଏହାର ପ୍ରତିବାଦରେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଆରଡିସିଙ୍କ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ୍ କରି ନିଜ ଦାବି ଜଣାଇଛନ୍ତି । ଯଦି ଦାବି ପୂରଣ ନହେଲେ ତା'ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି । ତେବେ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପରେ ମନ୍ତ୍ରୀ ଏନେଇ ବିଚାର କରାଯିବ ବୋଲି କହିବା ସହ ସରକାରଙ୍କ ଯୋଜନାରେ ଯାହା ଥିବ ତାହା କରାଯିବ ବୋଲି କହିଥିଲେ । ସେପଟେ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପୂର୍ବତନ କାଉନସିଲର ଅଶ୍ୱିନୀ ସ୍ୱାଇଁ, ବିଦ୍ୟାଧର ବେହେରା, ନନ୍ଦନ ଦାଶ, ରବି ମନହିରା, ଜୟନ୍ତ ପ୍ରଧାନ, କୈଳାଶ ପୋଡ଼୍, ଯୋଗେଶ ପ୍ରସାଦ, ରୂପକ ସ୍ୱାଇଁ, ବିଜିଲି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଅସ୍ଥାୟୀ ସୁରକ୍ଷାକର୍ମୀଙ୍କ ହାଲ ସିକ୍ୟୁରିଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ସେମିଳିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସୁନାବେଡ଼ା ହାଲ ମିଗ୍ କାରଖାନା ଠାରେ ଅସ୍ଥାୟୀ ଠିକା ସୁରକ୍ଷା କର୍ମଚାରୀଙ୍କ ବେତନ ବୃଦ୍ଧିଙ୍କ ନେଇ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଭିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟ ରଥ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରାଯାଇଛି । ଅଣକୁଶଳି, ଅର୍ଦ୍ଧକୁଶଳି, କୁଶଳି ଏବଂ ଉଚ୍ଚକୁଶଳି ଶ୍ରେଣୀ ସହିତ ଦେଶର ଏ, ବି ଏବଂ ସି ବର୍ଗର ଭୌଗୋଳିକ ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକମାନଙ୍କ ଭିଭିନ୍ନ ହାରରେ ମଜୁରି ପ୍ରଦାନ କରାଯାଇଥାଏ । ହାଲ ଅସ୍ଥାୟୀ ଠିକା ସୁରକ୍ଷା ବେତନ ବଢିଥିବା ବେଳେ ସେମାନଙ୍କୁ ସୀମିତ ଦେଉଥିବା ଦେଖା ଦେଇଛ । ଦିନକୁ ନୂତନ ବେତନ ଅନୁଯାୟୀ ଅନସ୍କିଲ୍ଡ ୭୮୩ ଦିନ ମଜୁରୀ, ସେମିସ୍କିଲ୍ଡ ୮୬୮ ଏବଂ ସ୍କିଲ୍ଡ ୯୫୪ ଟଙ୍କା ଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଦିନକୁ ବେତନ ଦର କମିଥିବା ନେଇ ହାଲ ଅସ୍ଥାୟୀ ସୁରକ୍ଷା କର୍ମୀ ଧାରଣାରେ ବସିଥିବା ଦେଖିବାକୁ ମିଳୁଛି ।

# ଅଲମ୍ପିୟାଡ୍ ପରୀକ୍ଷାରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚାରବାଟିଆ ହାଉସିଂବୋର୍ଡ଼ ସ୍ଥିତ ସ୍ପ୍ରିଙ୍ଗଡେଲ ବିଦ୍ୟାଳୟର ୨୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଅଧକ୍ଷା ସସ୍ମିତା ପଣ୍ଡାଙ୍କ ପୌରୋହିତ୍ୟରେ ସ୍ଥାନୀୟ ଯଯାତୀ କେଶରୀ କ୍ଲବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାକୁ ଭଲ ମଣିଷଟିଏ କରି ଗଢ଼ି ତୋଳିବାକୁ ହେଲେ ବିଦ୍ୟାଳୟରେ ନୈତିକ ଶିକ୍ଷା ସହିତ ପିତାମାତାମାନେ ଘରେ ନିଜନିଜର ପିଲାମାନଙ୍କୁ ନୈତିକତାପୂର୍ଣ୍ଣ ଗଳ୍ପ ପୁସ୍ତକ ଓ ଆଧାତ୍ମିକ ଚେତନା ଉପରେ ଧାରଣା ଦେବାକୁ ପରାମର୍ଶ ଦେଇଥିଲେ । ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବ୍ଲକ ଶିକ୍ଷାଧିକାରୀ କୁନ୍ତଳା ଖଟୁଆ, ସଂଗୀତକାର ଶରଣାବିନ୍ଦ ଓଝା, କାଉନସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ବିମଳ କୁମାର ବେଉରା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଯୋଗଦେଇ ବିଦ୍ୟାଳୟ ଉନ୍ନତ ମାନର ଶିକ୍ଷା ପ୍ରଦାନ କରି ଚୌଦ୍ୱାର ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଅଲମ୍ପିୟାଡ୍ ପରୀକ୍ଷାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍କୁଲ ସଭାପତି ସୁରେଶ କୁମାର ପଣ୍ଡା, ଶିକ୍ଷୟିତ୍ରୀ ଶୁଭଶ୍ରୀ ଧିର, ମମତା ରାଏ, ସୁଭସ୍ମିତା ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁବ୍ରତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାଳିଜଙ୍ଗା ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅାଁରା ପଞ୍ଚାୟତର ଶାଳିଜଙ୍ଗା ଠାରେ ଥିବା ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପନୀ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ପ୍ରତ୍ୟୁଷରୁ ହଜାରରୁ ଉର୍ଦ୍ଧ୍ୱ ମହିଳାମାନେ ତାରପୁର ମହାଦେବ ମନ୍ଦିର ନିକଟ ମହାନଦୀରୁ କଳସ ଯାତ୍ରାରେ ବିଶାଳ ଶୋଭା-ଯାତ୍ରାରେ ଆସି ଶାଳିଜଙ୍ଗା ଶିରିଡ଼ି ସାଇଙ୍କ ଠାରେ ଜଳାଭିଷେକ କର ଥିଲେ । ଏହି ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ବାଦ୍ୟ, ଘଣ୍ଟ, ଭଜନକୀର୍ତ୍ତନ ଆଦି କରାଯାଇ ସାଇବାବାଙ୍କ ପାଦୁକାକୁ ପାଲିଙ୍କିରେ ଶୋଭାଯାତ୍ରାରେ ନିଆଯାଇଥିଲା । ଏହି ଉଦ୍‌ଘାଟନୀ ଉତ୍ସବରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡଃ ରମାକାନ୍ତ ଭୋଇ ଯୋଗଦେଇ ଆଧାତ୍ମିକ ଉନ୍ନତିରେ ମନୁଷ୍ୟ ସୁଖ, ଶାନ୍ତି, ଆନନ୍ଦର ଅଧିକାରୀ ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡଃ. ସୁରେନ୍ଦ୍ର ନାଥ ମହାପାତ୍ର, ଶିରିଡି ସାଇ ସେବା ଟ୍ରଷ୍ଟର କୋଷାଧ୍ୟକ୍ଷ ପ୍ରାର୍ଥସଖା ପାଲଟା ସିଂ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ରାମାୟଣୀ ପଣ୍ଡିତ ଅଭୟ ଦାଶ, ପଣ୍ଡିତ ଦେବେନ୍ଦ୍ର କୁମାର ଦାସ, ଜିତେନ୍ଦ୍ର କୁମାର ପଣ୍ଡା, ଯଜ୍ଞ କର୍ତ୍ତା ଶରତ ପଟ୍ଟନାୟକ, କର୍ତ୍ତୀ ସନ୍ତୋଷୀ ମହାପାତ୍ର ପ୍ରମୁଖ ଯୋଗଦେଇ ଶିରିଡି ସାଇ ବାବାଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବ ୩ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, ଘଟସ୍ଥାପନ, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ପରିଚାଳକ ପାର୍ଥ ସଖା ପାଲଟା ସିଂଙ୍କ ନେତୃତ୍ୱରେ ରଘୁନାଥପୁର ବ୍ଲକ ପୂର୍ବତନ ସଭା ରଜତ ପାତ୍ର, ଉଦ୍ୟୋଗପତି ଶିବନାରାୟଣ ସାମନ୍ତରାୟ, ଦେବସ୍ମିତା ସାମନ୍ତରାୟ, ସମାଜସେବୀ ଶୈଳେନ୍ଦ୍ର ନାୟକ, ମିତାଲି ନାୟକ, ସମାଜସେବା ଯୁଧିଷ୍ଠିର ସେଠି, ମେହବୁବ ବେଗ, ଜିଲ୍ଲା ସଭାପତି ନଟବର ବାରିକ, ସମାଜସେବୀ ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶିରିଡି ସାଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ସାଇ ଭଜନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ତିର୍ତ୍ତୋଲ ଏସଡିପିଓ ଚିନ୍ମୟ କୁମାର ରାଉତ, ରଘୁନାଥପୁର ଥାନା ଅଧିକାରୀ ସୁଶାନ୍ତ କୁମାର ସେଠିଙ୍କ ନେତୃତ୍ୱରେ ପୋଲିସମାନେ ଉପସ୍ଥିତ ରହି ଭିଡ଼କୁ ନିୟନ୍ତ୍ରଣ କରିଥିଲେ ।

## ଗୁମାକିଆ ବିଦ୍ୟାଳୟର ୨ୟ ବାର୍ଷିକୋତ୍ସବ

**ବାଲିଗୁଡା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ରୁତୁଙ୍ଗିଆ ପଞ୍ଚାୟତ ଗୁମାକିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁମିତ୍ରା ମଳିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ରୁତୁଙ୍ଗିଆ ପଞ୍ଚାୟତ ସରପଞ୍ଚ ପିଙ୍କି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ରୁତୁଙ୍ଗିଆ ପଞ୍ଚାୟତ ଆଞ୍ଚଳିକ ସାଧନ କର୍ମୀ ସାବତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରୁତୁଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା, ପିଇଓ ସୁଶାନ୍ତ କୁମାର ବେହେରା, ଗାଲିଗୁରା ପଞ୍ଚାୟତ ସିଆରସିସି ଜୟ ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗ ଦେଇ ଶିକ୍ଷା-ଶିକ୍ଷକ ଓ ଛାତ୍ରଛାତ୍ରୀର ଗୁରୁତ୍ୱ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡା ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିଲେ ।

# ଚୋରା ବାଇକ୍ ରାକେଟ ପର୍ଦ୍ଦାଫାଶ

# ୫ ବାଇକ୍ ଜବତ : ୬ ଚୋର ଗିରଫ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**



ଚୋରା ବାଇକ୍ ରାକେଟ ପର୍ଦ୍ଦାଫାଶ କରିଛି ଯୋଡ଼ା ଥାନା ପୋଲିସ । ଏହି ମାମଲାରେ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୫ ବାଇକ ଜବତ କରିଛି ପୋଲିସ । ଯୋଡ଼ା ଥାନା ଆଇଆଇସି ଲୋକେଶ୍ୱର ସାହୁଙ୍କ ସୂଚନା ଅନୁଯାୟୀ, ଯୋଡ଼ା ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । କେସ୍ ନଂ ୧୧୨/୨୪ ଅନୁଯାୟୀ, ଗତ ତା ୧/୩/୨୦୨୪ ରିଖରେ ଯୋଡ଼ା ସହର ସ୍ଥିତ ଆମ ବାଗାନ ଠାରେ ରହୁଥିବା ବି. ଜୟରାମ ରେଡ୍ଡୀଙ୍କ ଘର ସାମ୍ନାରୁ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ସେହିପରି ଯୋଡ଼ା ଥାନା କେସ୍ ନଂ ୧୫୪/୨୪ ଅନୁଯାୟୀ, ଯୋଡ଼ା ଥାନା ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍‌ଟିକୁ ଚମ୍ପୁଆ ଥାନାରେ ଜବତ ହୋଇଥିଲା । ଏହି ଦୁଇଟି ମାମଲାର ତଦନ୍ତଭାର ଯୋଡ଼ା ଆଇଆଇସି ଲୋକେଶ ସାହୁ ନେବା ପରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଜାରି ରଖି ଏହି ବାଇକ୍ ଚୋରି ରାକେଟର ମାଷ୍ଟରମାଇଣ୍ଡ ଯୋଡ଼ା ବାଚୁହାଟିଂର ସୌରଭ ମହାକୁଡ଼ ଓରଫ ଗୁଡୁକୁ ଗିରଫ କରିବା ପରେ ସମସ୍ତ ଘଟଣା ପର୍ଦ୍ଦାଫାଶ ହୋଇଥିଲା । ଏହି ରାକେଟରେ ସଂପୃକ୍ତ ଥିବା ଅନ୍ୟ ୫ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ବାଚୁହାଟିଂର ସନ୍ତୋଷ ମହାନ୍ତ (୨୮), ରୁଗୁଡ଼ି ଥାନା କ୍ୟାମ୍ପ ହାଟିଂର ବୀର ସିଂ ମୁଣ୍ଡା (୪୮), ଭୂୟାଁ ରୋଇଡ଼ା ଅଞ୍ଚଳର ଗୋବିନ୍ଦ ମୁଣ୍ଡା (୩୭), ଚମ୍ପୁଆ ଥାନା ରାଇଗୁଡ଼ି ଅଞ୍ଚଳର ପୁରୁଷୋତ୍ତମ ମହାନ୍ତ (୨୧), କରଞ୍ଜିଆ ଅଞ୍ଚଳର ଲକ୍ଷ୍ମଣ ଜିତ୍ (୨୮) । ପୋଲିସ ଚଢ଼ଉ ବେଳେ ସଦର ଥାନାରୁ ଚୋରି ହୋଇଥିବା ଗୋଟିଏ ପଲ୍ସର୍ ବାଇକ୍ ସମେତ ୫ଟି ଚୋରି ବାଇକକୁ ଉଦ୍ଧାର କରିଛି । ପୋଲିସର ଅନୁସନ୍ଧାନ କରି ଜାଣିବାକୁ ପାଇଛି ଯେ, ମାଷ୍ଟର ମାଇଣ୍ଡ ସୌରଭ ଓରଫ ଗୁଡୁ ଯୋଡ଼ା ସହର ସମେତ ବିଭିନ୍ନ ଅଞ୍ଚଳରୁ ତାଙ୍କ ସହଯୋଗୀଙ୍କ ସହାୟତାରେ ବାଇକ୍ ଚୋରି ଜିଲ୍ଲା ତଥା ରାଜ୍ୟ ବାହାରକୁ ନକଲି ବାଇକ୍ ନଂ ଲଗାଇ କମ୍ ମୂଲ୍ୟରେ ବିକ୍ରି କରୁଥିଲା । ଗିରଫ ଅଭିଯୁକ୍ତ ନାମରେ ମଧ୍ୟ ଆଗରୁ ଅପରାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତମାନେ ବାଇକ୍ ଚୋରି କରି ପ୍ରଥମେ ଏହାର ନମ୍ବର ପ୍ଲେଟ, ବଦଳାଇ ଦେଉଥିଲେ । ଏପିରିକ ଗାଡ଼ିର ଇଞ୍ଜିନ ଓ ଚେଚିସ୍ ନମ୍ବର ବି ବଦଳାଇ ଦେଉଥିଲେ । ଏହା ପରେ ଗ୍ରାହକ ଯୋଗାଡ଼ କରି ସେଗୁଡ଼ିକୁ ଚୋରାରେ ବିକ୍ରି କରୁଥିଲେ । ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ବେଳେ ଏହି ମାମଲାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଯୋଡ଼ା ଥାନା ଆଇଆଇସି ଲୋକେଶ୍ୱର ସାହୁ ସୂଚନା ଦେଇଛନ୍ତି ।

# ବ୍ୟାସବିହାରରେ ବିଦ୍ୟାଦାତ୍ରୀ ବୀଣାପାଣିଙ୍କ ଆରାଧନା



**ବାଲେଶ୍ୱର, ନ୍ୟୁଜ୍**

ପବିତ୍ର ବସନ୍ତପଞ୍ଚମୀରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆରାଧ୍ୟ ଦେବୀ ସରସ୍ୱତୀଙ୍କର ପୂଜନ ଉତ୍ସବ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ପ୍ରବେଶଦ୍ୱାର ନିକଟରେ ସ୍ଥାପିତ ଦେବୀ ବୀଣାପାଣିଙ୍କ ଶିଳାମୂର୍ତ୍ତି ମଣ୍ଡପକୁ ସାଜସଜ୍ଜା କରାଯାଇ ବୈଦିକ ରୀତିରେ ହୋମଯଜ୍ଞ କରାଯାଇ ଏହି ପୂଜା ସମ୍ପନ୍ନ ହୋଇଛି । ବିଶ୍ୱବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ, ଓ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତିରେ ପୂଜାପାଠ ସହ ପ୍ରସାଦ ସେବନ ସହ ଅନ୍ୟନ୍ତ ଉତ୍ସାହର ସହ ଭକ୍ତିଭାବପୂର୍ଣ୍ଣ ପରିବେଶରେ ଦେବୀଙ୍କ ଆରାଧନା କରାଯାଇଥିଲା ।

# ସାଇ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବାଘଡ଼ାରୋଡ଼୍ ସ୍ଥିତ ସାଇ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଯେଉଁ ବିଷୟ ଆଧାରରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ସେଗୁଡିକ ହେଲା "ଏଣ୍ଟିଜେନ୍ ଏଣ୍ଟିବଡି ଇନଟେରାକ୍ସନ୍, ମାସ ଏକ୍ସ-ଟିନକସନ୍ ଇନ୍ ଆର୍ଥ୍ ହିଷ୍ଟରୀ, ଏସିସ୍-ଟେଡ୍ ରିପ୍ରୋଡାକ୍ଟିଭ୍ ଟେକ୍ନୋଲୋଜି, ପୋଷ୍ଟ ହାର୍ଭେଷ୍ଟିଙ୍ଗ୍ ଟେକ୍ନୋଲୋଜି ଅଫ୍ ଫିସ୍, ଗାମାଟଜେନେସିସ୍-ଏ ରିପ୍ରୋଡାକ୍ଟିଭ୍ ସକ୍‌ସେସ୍ ଓ ନିଓ ଡାରୱିନିଜ୍ମ । ଏହି ଆଲୋଚନା ଚକ୍ରରେ ସମ୍ମାନିତ ବକ୍ତା ଭାବେ କରଞ୍ଜିଆ ସ୍ୱୟଂଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ପ୍ରଫେସର ଅଜୟ କୁମାର ଦାସ ଓ ଅନ୍ୟତମ ବକ୍ତା ଭାବେ ମାଣିଦା ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ବିରଞ୍ଚି ନାରାୟଣ ମଲ୍ଲିକ୍ ଯୋଗଦେଇ ନିଜର ସନ୍ଦର୍ଭ ପାଠ କରିବା ସହ ସାଇ ଡିଗ୍ରୀ କଲେଜର ପ୍ରାଣୀ ବିଜ୍ଞାନ ସମ୍ମାନ ଛାତ୍ର-ଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ପୌରୋହିତ୍ୟ କରି ଅନୁଷ୍ଠାନର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ସନ୍ଦର୍ଭ ପାଠର ଉପକାରିତା ଏବଂ ଗବେଷଣାରେ କିପରି ସାହାଯ୍ୟ କରେ ସେ ସଂପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନା କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଇ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ରଣଜିତ କୁମାର ସାହୁ କାର୍ଯ୍ୟକ୍ରମ ସମୂହର ସଂଯୋଜନା କରିବା ସହ ଆଲୋଚନା ଚକ୍ର ଗୁଡିକର ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ କୁମାର ଜେନା, ଦୁଷ୍ମନ୍ତ ମହାନ୍ତ ମିଳିତ ଭାବେ ଛାତ୍ରଛାତ୍ରୀଙ୍କୁ ଏହି ଆଲୋଚନା ଚକ୍ର ପାଇଁ ପ୍ରସ୍ତୁତ କରାଇଥିଲେ । କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ସହଯୋଗ କରିଥିଲେ ଶୁଭଶ୍ରୀ ବେହେରା, ଅମର ନାଥ ଦାସ ଓ ତାରାକାନ୍ତ ଦାଶ ।

# ବିଶିଷ୍ଟ ମୂର୍ତ୍ତିଶିଳ୍ପୀ ରବିନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

**କେନ୍ଦୁଝର, ନ୍ୟୁଜ୍**

ବିଶିଷ୍ଟ ମୂର୍ତ୍ତୀ କାରିଗର ତଥା ବାଲିବରେଇ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ବାସିନ୍ଦା ରବିନ୍ଦ୍ର ଘଡ଼େଇଙ୍କୁ ତାଙ୍କର କଳାକୃତି ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ହଦଗଡ଼ ଆଞ୍ଚଳିକ ହାଇସ୍କୁଲ ପରିସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ପୂର୍ବତନ ହତଡ଼ିହି ବ୍ଲକ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ପର୍ଶୁ ରାମ ପେଡ଼ା, କେନ୍ଦୁଝର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବିଶିଷ୍ଟ ଶିକ୍ଷାବିତ୍ ପ୍ରସନ୍ନ କୁମାର ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ଘଡ଼େଇଙ୍କୁ ମାନପତ୍ର ପ୍ରଦାନ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ ଏହି ବିଶିଷ୍ଟ ମୂର୍ତ୍ତିଶିଳ୍ପୀଙ୍କ ଉତରୋତ୍ତର ଉନ୍ନତି କରି ଅଧିକ ସୁନାମ ଅର୍ଜନ କରିବାର ଉତ୍ସାହ ପ୍ରଦାନ କରିଥିଲେ । ଶ୍ରୀ ଘଡ଼େଇ ଜଣେ ଉଚ୍ଚକୋଟିର ମୃଣ୍ମୟ ମୂର୍ତ୍ତି ଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏଥିପାଇଁ ତାଙ୍କୁ ଓଡ଼ିଶା ତଥା ବାହାର ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିସହିତ ରବିନ୍ଦ୍ର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ବେଶ୍ ପରିଚିତି ଲାଭ କରି ପାରିଛନ୍ତି ।



# ଗ୍ରାମଗୁଡ଼ିକୁ ବାଲ୍ୟବିବାହ ମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଡିଏସ୍‌ପି ସରିତା ମହାପାତ୍ର, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ସମାଜ କଲ୍ୟାଣ ଅଧିକାରିଣୀ ମନୋରମା ସ୍ୱାଇଁ, ଅତିରିକ୍ତ ମଙ୍ଗଳ ଅଧିକାରିଣୀ ପ୍ରମୁଖ ଯୋଗଦେଇ ଜିଲ୍ଲା ଶିଶୁ ସହାୟତା କର୍ମକର୍ତ୍ତା, ୟୁନିସେଫ୍ ଜିଲ୍ଲା ଶିଶୁ ସୁରକ୍ଷା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି ଟ୍ୟାକ୍ସଫୋର୍ସ, ବାଲ୍ୟବିବାହ ଓ କୈଶୋର ସସକ୍ତିକରଣ, ବେଟି ବଚାଅ, ବେଟି ପଢାଅ, ଶିଶୁ ଶ୍ରମିକ ବନ୍ଦ ତଥା ଚାଇଲ୍ଡ ହେଲ୍ପ ଲାଇନ୍ ୧୦୯୮ର ତ୍ରୈମାସିକ ବୈଠକରେ ପ୍ରଗତି ତଥା ଆଗାମୀ ପଦକ୍ଷେପ ସଂପର୍କିତ ଆଲୋଚନା ହୋଇଥିଲା । ବୈଠକରେ ମିସନ୍ ବୈସ୍ତଲ୍ୟ ପ୍ରଗତି ସଂପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ୯୧ଜଣ ଶିଶୁକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ଥିବାର ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ଜିଲ୍ଲାର ପ୍ରତ୍ୟେକ ବ୍ଲକସ୍ତରରେ ଓ ପଞ୍ଚାୟତ ସ୍ତରରେ ଗୋଟିଏ ଗୋଟିଏ ଦିନ ଶିଶୁଙ୍କ ପାଇଁ କାର୍ଯ୍ୟକ୍ରମ ନିର୍ଣ୍ଣିତ କରିବା ସହ ଗ୍ରାମଗୁଡ଼ିକୁ କିପରି ବାଲ୍ୟ ବିବାହ ମୁକ୍ତ ତଥା ଶିଶୁ ଅନୁକୂଳ କରାଯାଇ ପାରିବ ସେ ବିଷୟରେ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନଙ୍କର ପୁନଃ ସହଯୋଗ ଚାହିଁଥିଲେ । କେନ୍ଦ୍ରାପଡ଼ା ବ୍ଲକ ଅଧିନ ଭାଗବତପୁର ଗ୍ରାମପଞ୍ଚାୟତ ଓ ଅନ୍ୟ ବ୍ଲକ୍‌ମାନଙ୍କର ୬୪ଟି ଗ୍ରାମକୁ ବାଲ୍ୟବିବାହ ମୁକ୍ତ କରିବାର ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଡ଼ମପେଟା ଡାଇନେମିକ ବିଚ୍ ସଫେଇ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଅଷ୍ଟମ ବାଟାଲିୟନ, ଛତ୍ରପୁର ପକ୍ଷରୁ ପୋଡ଼ମପେଟା ଡାଇନେମିକ ବିଚ ସଫେଇ କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ ହୋଇଯାଇଛି । ଏହି ବେଳାଭୂମି ସଫେଇ କାର୍ଯ୍ୟକ୍ରମ ନୂଆ ପୋଡ଼ମପେଟା ସମୁଦ୍ର କୂଳ ଠାରୁ ଆରମ୍ଭ କରି ପୁରୁଣା ପୋଡ଼ମପେଟା ସମୁଦ୍ର କୂଳ ଦୀର୍ଘ ଦେଢ଼ କିଲୋମିଟର ପର୍ଯ୍ୟନ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଷ୍ଟମ ବାଟାଲିୟନର ଦୁର୍ଗପତି ସାରଦା ପ୍ରସାଦ ଦାଶଙ୍କ ନିର୍ଦ୍ଦେଶକ୍ରମେ ଉପ ଦୁର୍ଗାପତି ଯଶବନ୍ତ ସେଠି, ଇନ୍‌ସପେକ୍ଟର ଆର୍ମସ (ସୁବେଦାର) ସୁବ୍ରତ ଗୌଡ଼, ସୁବେଦାର ନାୟକ ପ୍ରଧାନ, ଡେପୁଟି ସୁବେଦାର ପ୍ରସନ୍ନ କୁମାର ସୁବୁଦ୍ଧି, କିଶୋର କୁମାର ନାୟକ, ପଞ୍ଚାନନ ଦାଶ, ରାଜାରାଓ ରେଡ୍ଡି, ବ୍ରାଞ୍ଚ ଶାଖା ସଂଘ ସଭାପତି ଯଶବନ୍ତ ସ୍ୱାଇଁ ସମେତ ସମସ୍ତ ସଦସ୍ୟ, ସମସ୍ତ ହାବିଲଦାର, ସମସ୍ତ ସିପାହୀ ଓ ମିନେରାଲ ଷ୍ଟାଫମାନେ ଯୋଗ ଦେଇଥିଲେ ।

# ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବେଲପଡ଼ାରେ ନିପୁଣ ଓଡ଼ିଶା ମେଳା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସର ଭୁକ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୌମ୍ୟ ରଞ୍ଜନ ସାହୁଙ୍କ ପୌରୋହିତରେ ବେଲପଡ଼ା କ୍ଲଷ୍ଟରର କ୍ଲଷ୍ଟର ନିପୁଣ ମେଳା ବେଲପଡ଼ା ପ୍ରକଳ୍ପ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ବେଲପଡ଼ା କ୍ଲଷ୍ଟର ପ୍ରାୟ ୧୦ଟି ବିଦ୍ୟାଳୟର ଏଫଏଲଏନ ଗ୍ରେଡ୍‌ର ଛାତ୍ରଛାତ୍ରୀ ଓ ଉତ୍ସର୍ଗୀକୃତ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରଚୁର ପରିମାଣର ଏଫଏଲଏନ ଗ୍ରେଡ୍ ସକାଶେ ବ୍ୟବହୃତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ଉକ୍ତ ମେଳାରେ ଉଦ୍‌ଘାଟନୀ ଉତ୍ସବରେ ଗଞ୍ଜାମ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସଂଯୁକ୍ତା ବେହେରା ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ତଥା ରାଜ୍ୟପାଳ ପୁରସ୍କାର ତଥା ପାରିପାର୍ଶ୍ୱିକ ଅଞ୍ଚଳର ଶିକ୍ଷାବିତ ବିଜୟକୁମାର ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସଂପ୍ରତି ଶିକ୍ଷା ବ୍ୟବସ୍ଥାରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମଞ୍ଚାସୀନ ଥିଲେ ସୁବଳୟା ଗ୍ରାମପଞ୍ଚାୟତର ସରପଞ୍ଚ ସନ୍ତୋଷିନୀ ବେହେରା, ରାଜପୁର କ୍ଲଷ୍ଟର ସିଆରସିସି ଲକ୍ଷ୍ମଣ ସେଠି, ସାନ ରାମଚନ୍ଦ୍ରପୁର କ୍ଲଷ୍ଟର ସିଆରସିସି ସୁଶାନ୍ତ କୁମାର ତରାଇ ଏବଂ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ମୁଦୁଲି ଶ୍ରେଣୀ କାର୍ଯ୍ୟ ପରିଚାଳନାର ଶିକ୍ଷଣ ସାମଗ୍ରୀଗୁଡିକରେ ବ୍ୟବହାର ଓ ତିଆରି କୌଶଳ ସୁନ୍ଦର ଭାବେ ବୁଝାଇଥିଲେ । ଶିକ୍ଷକ ବସନ୍ତ କୁମାର ନାହାକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସ୍ଥାନୀୟ ହୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ତିଆରି କରି ଶିକ୍ଷଣ କାର୍ଯ୍ୟରେ ପ୍ରଚୁର ପରିମାଣରେ ଶିକ୍ଷଣ ସାମଗ୍ରୀ ବ୍ୟବହାର ପାଇଁ ଆହ୍ୱାନ ଦେଇ ଥିଲେ । ପରିଶେଷରେ ବାଲିବଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜିତେନ୍ଦ୍ର କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।

# ସର୍ବୋଦୋୟ ନେତା ବିଚିତ୍ରାନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ପ୍ରତିମୂର୍ତ୍ତି ପ୍ରତିଷ୍ଠା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦ୍ୱୟ ନେତା ବିଚିତ୍ରାନନ୍ଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳନ ଓ ପ୍ରତିମୂର୍ତ୍ତୀ ଉନ୍ମୋଚନ ସହ ତାଙ୍କର ପତ୍ନୀ ନିର୍ମଳା ମହାନ୍ତିଙ୍କ ପ୍ରତିମୂର୍ତ୍ତୀ ସ୍ଥାନୀୟ କପାଳେଶ୍ୱର ସ୍ଥିତ ନିତ୍ୟ ବୈକୁଣ୍ଠରେ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ରାମଚନ୍ଦ୍ର ବେହେରା, ପଦାର୍ଥ ବିଜ୍ଞାନୀ ଜ୍ଞାନଦେବ ମହାରଣା, ପ୍ରଫେସର ନନ୍ଦକିଶୋର ପରିଡ଼ା, କବି ବାସୁଦେବ ଦାସ, ନିରାକାର ଦାସ, ନବଜ୍ୟୋତି ରାୟ, ଅତୁଲ ବଳ, ହିରଣମୟୀ ମିଶ୍ର, ଜ୍ଞାନରଂଜନ ନାୟକ, ଡଃ. ବିଶ୍ୱପ୍ରକାଶ କାନୁନ୍‌ଗୋ, ଅଜୟ ସାମଲ, ଅର୍ବାନ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ପ୍ରଦାନ କରି ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଶେଷରେ କବି ଅପର୍ଣ୍ଣା ମହାନ୍ତି ଓ ପ୍ରଫେସର ଧିରେନ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍‌ସି)ରେ ସଭରେନ୍ ଗ୍ରିନ ବଣ୍ଡ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି।

ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ
ଓଁ
'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାଯସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

# କୁମ୍ଭମେଳା ଓ ନାଗା ସାଧୁ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ମିଳନର ମହାପର୍ବ ମହାକୁମ୍ଭ ମେଳା। ବିଶ୍ୱର ସର୍ବ ବୃହତ ଧାର୍ମିକ ମେଳା କୁମ୍ଭ ମେଳା। ସାଧାରଣତଃ ଏହି କୁମ୍ଭ ମେଳା ୪ ପ୍ରକାର। କୁମ୍ଭ, ଅର୍ଦ୍ଧକୁମ୍ଭ, ପୂର୍ଣ୍ଣକୁମ୍ଭ ଓ ମହାକୁମ୍ଭ। ସମସ୍ତ କୁମ୍ଭ ମେଳା ଗ୍ରହମାନଙ୍କର ସ୍ଥିତିକୁ ଦେଖି ଆୟୋଜିତ ହୋଇଥାଏ। ପ୍ରତ୍ୟେକ କୁମ୍ଭ ମେଳାର ନିଜସ୍ୱ ବିଶେଷତ୍ୱ ରହିଛି। କୁମ୍ଭ ମେଳାର ଅନ୍ୟତମ ପ୍ରମୁଖ ଆକର୍ଷଣ ଓ ଉତ୍କଣ୍ଠାର କେନ୍ଦ୍ରବିନ୍ଦୁ ନାଗା ସନ୍ୟାସୀ। ଏହି ନାଗା ସାଧୁମାନଙ୍କୁ ନେଇ ବିଦେଶୀ ପର୍ଯ୍ୟଟକ, ଗବେଷକ ଓ ବିଦ୍ୱାନ ବ୍ୟକ୍ତିମାନଙ୍କ ମନରେ ରହିଛି ଅଧିକ ଉତ୍କଣ୍ଠା ଓ ଆଗ୍ରହ। ସବୁ ସନ୍ଥ ମାନଙ୍କର ଲବ୍ଧଜ୍ଞାନ, ତତ୍ତ୍ୱ ଓ ଦର୍ଶନିକ ଚିନ୍ତାଧାରା ସମଗ୍ର ମାନବଜାତିକୁ ଦିଗ୍ ଦର୍ଶନ ଓ ପଥ ପ୍ରଦର୍ଶନ ଭାବେ କାର୍ଯ୍ୟ କରିଥାଏ। ମୁଖ୍ୟତଃ ଏହି ସାଧୁ, ସନ୍ଥ ଓ ସନ୍ୟାସୀମାନେ ଚାରି ସଂପ୍ରଦାୟରେ ଅନ୍ତର୍ଭୁକ୍ତ। ଏହା ହେଲେ ଶ୍ରୀ ସଂପ୍ରଦାୟ, ରୁଦ୍ର ସଂପ୍ରଦାୟ, ବ୍ରହ୍ମ ସଂପ୍ରଦାୟ ଓ ସନକ ସଂପ୍ରଦାୟ। ପରବର୍ତ୍ତୀ ସମୟରେ ଏହି ସଂପ୍ରଦାୟ ଗୁଡିକ ପରିବାର ଭେଦରେ ବିଭିନ୍ନ ଶାଖା ପ୍ରଶାଖାରେ ବିଭକ୍ତ ହେଲେ। ସେମାନଙ୍କର ଆଦର୍ଶଗତ ସାମ୍ୟ ଥିଲେ ମଧ୍ୟ ସେମାନଙ୍କର ଚିତା ବା ତିଳକରେ କିଛି ପାର୍ଥକ୍ୟ ଦେଖାଯାଏ। ଯାହା ଦ୍ୱାରା ନିଜଗୁରୁ ଓ ପରିବାରର ସୂଚନା ମିଳିଥାଏ। ନାଗା ସାଧୁମାନେ ଶିବ ଓ ଅଗ୍ନିଭକ୍ତ ହୋଇଥିବାରୁ ଏମାନେ ରୁଦ୍ର ସଂପ୍ରଦାୟର ବୋଲି ବିବେଚନା କରାଯାଏ। କିଛି ବିଦ୍ୱାନ ବ୍ୟକ୍ତିଙ୍କ କହିବା ଅନୁଯାୟୀ 'ନାଗା' ଶବ୍ଦ ସଂସ୍କୃତ ଶବ୍ଦ 'ନାଗା'ରୁ ଆସିଛି। ଏହାର ଅର୍ଥ ପାହାଡ। ପାହାଡ ପର୍ବତରେ ରହୁଥିବା ଲୋକମାନଙ୍କୁ "ପାହାଡୀ" ତଥା "ନାଗା" ବୋଲି କୁହାଯାଏ। ଅନ୍ୟ ଅର୍ଥରେ ନଗ୍ନ ରହୁଥିବା ଲୋକଙ୍କୁ ନାଗା କୁହାଯାଏ। ଉତ୍ତର-ପୂର୍ବ ଭାରତରେ ବାସକରୁଥିବା ଏହି ଲୋକମାନଙ୍କୁ ନାଗା କୁହାଯାଏ। ପ୍ରୟାଗ ମାଘ ମେଳା ସମୟରେ ଏହି ନାଗା ସାଧୁମାନଙ୍କୁ ଦେଖିବାକୁ ମିଳେ। କୁମ୍ଭମେଳା ସମୟରେ କେବଳ ଶାହୀ ସ୍ନାନ ସମୟରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସମ୍ମୁଖକୁ ଆସିଥାନ୍ତି ନାଗାସାଧୁମାନେ। ଏପରିକି ଗଣ ମାଧ୍ୟମ ଠାରୁ ସେମାନେ ଦୂରେଇ ରହିବା ପାଇଁ ଚାହାଁନ୍ତି। ରହସ୍ୟମୟ ସେମାନଙ୍କର ଜୀବନଶୈଳି। ଏମାନେ କେଉଁ ଠାରୁ ଆସିଥାନ୍ତି ଓ କେଉଁଠାକୁ ଯାଆନ୍ତି ତାହା ମଧ୍ୟ ସମସ୍ତଙ୍କୁ ଅଜଣା। ନାଗା ସାଧୁମାନଙ୍କର ଜୀବନ କଠୋର ରହସ୍ୟମୟ। କୁମ୍ଭ ମେଳା ସମୟରେ ଚର୍ଚ୍ଚାରେ ରହୁଥିବା ଏହି ନାଗା ବାବା ମାନେ କୁମ୍ଭ ମେଳା ପରେ ଅଚାନକ କେଉଁ ଆଡେ ଗାଏବ ହୋଇଯାନ୍ତି। କୁହାଯାଏ କୁମ୍ଭ ମେଳା ସମାପ୍ତ ପରେ ଅଧିକାଂଶ ନାଗା ସାଧୁ ଶରୀରରେ ଭସ୍ମବୋଳି ହୋଇ ହିମାଳୟ ଗୁମ୍ଫା ମଧ୍ୟକୁ ଫେରିଯାନ୍ତି। ସେମାନେ ତପସ୍ୟାରେ ଲୀନ ରହନ୍ତି। ଏହି ସ୍ଥାନ ମାନଙ୍କରେ ରହି ପରବର୍ତ୍ତୀ କୁମ୍ଭ ମେଳା ପର୍ଯ୍ୟନ୍ତ ନିର୍ଜନ ସପସ୍ୟାରେ ମଗ୍ନଥାନ୍ତି। ନାଗା ସାଧୁମାନେ ଭୂମି ଉପରେ ଶୟନ କରନ୍ତି। ଜଙ୍ଗଲରୁ ମିଳୁଥିବା ଫଳ, ମୂଳ, ଜଡିବୁଟି ଓ କନ୍ଦ ପ୍ରଭୃତି ସେମାନଙ୍କର ଖାଦ୍ୟ। ନାଗା ସାଧୁମାନଙ୍କର ଦୁନିଆଁ ଖୁବ୍ ଗୋପନୀୟ ଓ ରହସ୍ୟମୟ। ନାଗା ସାଧୁମାନେ ସଂପୂର୍ଣ୍ଣ ନିବସ୍ତ୍ରଥାନ୍ତି। ପ୍ରଚଣ୍ଡ ଥଣ୍ଡାରେ ମଧ୍ୟ ସେମାନେ ବିନା ପୋଷାକରେ ରହିଥାନ୍ତି। ସେମାନେ ନିଜକୁ ଭଗବାନଙ୍କର ଦୂତ ବୋଲି ଅଭିହିତ କରିଥାନ୍ତି। ନାଗା ସାଧୁମାନେ ପ୍ରକୃତି ଓ ପ୍ରାକୃତିକ ଅବସ୍ଥାକୁ ବିଶେଷ ଗୁରୁତ୍ୱ ଦିଅନ୍ତି। ସେଥିପାଇଁ ସେମାନେ ବସ୍ତ୍ର ପରିଧାନ କରନ୍ତି ନାହିଁ। ନାଗା ସନ୍ୟାସୀ ମାନଙ୍କର ମତରେ ମନୁଷ୍ୟ ଲଙ୍ଗଳା ହୋଇ ଜନ୍ମ ହୋଇଛି ଏବଂ ଉଲଗ୍ନ ଅବସ୍ଥାରେ ଜୁଇ ଶଯ୍ୟାରେ ଦାହ ହେଉଅଛି। ମନୁଷ୍ୟର ଏହି ଅବସ୍ଥା ପ୍ରାକୃତିକ ଅଟେ। ଏହି ଅବସ୍ଥାକୁ ସ୍ୱୀକାର କରି ନାଗା ସଂପ୍ରଦାୟର ସାଧୁମାନେ ନିବସ୍ତ୍ର ରହିବାକୁ ପସନ୍ଦ କରନ୍ତି। ସଂପୂର୍ଣ୍ଣ ଶରୀରରେ ଭସ୍ମ ବୋଳି ହୋଇ ବିରାଟ ଜଟା ଧାରଣ ପୂର୍ବକ ହାତରେ ଡମ୍ବୁର, ତ୍ରିଶୂଳ ଧାରଣ କରି ଜଙ୍ଗଲ ରାସ୍ତାରେ ଯାତ୍ରା କରନ୍ତି। ଦିନ ପରିବର୍ତ୍ତେ ରାତ୍ରରେ ସେମାନେ ଯାତ୍ରା କରନ୍ତି। ଜନବସତି ଠାରୁ ସେମାନେ ନିଜକୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତି। ସେମାନେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବହୁଦିନ ରୁହନ୍ତି ନାହିଁ। ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ସେମାନଙ୍କ ସମ୍ବନ୍ଧରେ ଜାଣିବା ସହଜ ହୋଇପାରେ ନାହିଁ। କିଛି ନାଗା ସାଧୁ ବସ୍ତ୍ର ଧାରଣ କରନ୍ତି। ଗୋଟିଏ ଦିନରେ ସାତଟି ଘରୁ ଭିକ୍ଷା ଗ୍ରହଣ କରନ୍ତି ଯଦି ଭିକ୍ଷା ନମିଳେ ସାରା ଦିନ ଉପବାସ ରୁହନ୍ତି। ସେମାନେ ଦିନକୁ ଥରେ ମାତ୍ର ଭୋଜନ କରନ୍ତି। କୁଚ୍ଛ୍ର ସାଧନାର ପ୍ରତୀକ ହେଉଛନ୍ତି ନାଗା ସାଧୁ। ବିଭୁତି ହିଁ ସେହି ସାଧୁମାନଙ୍କର ବସ୍ତ୍ର ସଦୃଶ୍ୟ। ଲମ୍ବା ଜଟାଜୁଟ ରୁଦ୍ରାକ୍ଷମାଳା, କେହି କେହି ତ୍ରିଶୂଳ, ଖଡ୍‌ଗ, ଆଦି ଧାରଣ କରିଥାନ୍ତି। ଚଳିତ ବର୍ଷ ୨୦୨୫ରେ ନାନା ପ୍ରକାର ହଠ ଯୋଗ କରୁଥିବା ନାଗା ସାଧୁମାନଙ୍କୁ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ମହାକାଳ ଗିରି ନାଗା ସାଧୁ ୧୨ବର୍ଷ ହେବ ହାତ ଉଠାଇ ରଖିଛନ୍ତି। ଖଡେଶ୍ୱର ମହାରାଜା ୧୨ ବର୍ଷ ହେଲା ବସୁ ନାହାଁନ୍ତି। ସମସ୍ତେ ଜଗତର କଲ୍ୟାଣ ପାଇଁ ହଠ ଯୋଗରେ ଅଛନ୍ତି।

ନାଗାଙ୍କ ଇତିହାସ ମଧ୍ୟ ପ୍ରାଚୀନ। ସର୍ବ ପ୍ରଥମେ ବେଦ ବ୍ୟାସ ସଂଗଠିତ ଭାବେ ବନବାସୀ ପରମ୍ପରା ସୃଷ୍ଟି କରିଥିଲେ। ଏହା ପରେ ଶୁକଦେବ ଗୋସ୍ୱାମୀ ଏହାକୁ ନୂଆ ରୂପ ପ୍ରଦାନ କଲେ । ଏହାର ପରବର୍ତ୍ତୀ ସମୟରେ ଆଦି ଶଙ୍କରାଚାର୍ଯ୍ୟ ଚାରି ପୀଠ ସ୍ଥାପନ କରି ଦଶନାମୀ ସଂପ୍ରଦାୟ ସୃଷ୍ଟି କଲେ। ଏହା ପରେ ଆଖଡା ପରମ୍ପରା ଗଠନ କଲେ। ମଠ, ମନ୍ଦିର, ଧାର୍ମିକ ସଂସ୍ଥା ଓ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ସଦାସର୍ବଦା ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିଥାନ୍ତି। ହିନ୍ଦୁ ଧର୍ମ ଓ ସାଧୁ ସନ୍ଥ ମାନଙ୍କ ପ୍ରତି କୌଣସି ବିପଦ ଦେଖାଗଲେ ସେମାନେ ନିଜ ଜୀବନକୁ ବାଜି ଲଗାଇଦିଅନ୍ତି। ଏହା ସେମାନଙ୍କର ଏକ ବିଶେଷ ଗୁଣ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ଆଖଡା ପ୍ରତିଷ୍ଠା ଉପରେ ଗୁରୁତବ ଆରୋପ କରିଥିଲେ। ମଠ, ମନ୍ଦିର ଓ ଶ୍ରଦ୍ଧାଳୁଙ୍କର ସୁରକ୍ଷା ପାଇଁ ଆବଶ୍ୟକ ପଡିଲେ ଶକ୍ତି ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ବୌଦ୍ଧ ଧର୍ମର ଭିକ୍ଷୁମାନେ ଯେଉଁ ଠାରେ ଏକତ୍ରୀତ ହୋଇ କାର୍ଯ୍ୟ କରୁଥିବା ସ୍ଥାନକୁ ଆଖଡା କୁହାଯାଏ। ବାହ୍ୟ ଆକ୍ରମଣ ସମୟରେ ଏହି ଆଖଡା ସୁରକ୍ଷା କବଚ ରୂପେ କାର୍ଯ୍ୟ କରିଥିଲେ। ଅନେକ ସମୟରେ ରାଜା-ମହାରାଜା ଓ ଜମିଦାରମାନେ ନିଜ ଅଞ୍ଚଳର ସୁରକ୍ଷା ନିମନ୍ତେ ବାହ୍ୟଶତ୍ରୁ ଆକ୍ରମଣ ସମୟରେ ନାଗା ସାଧୁଙ୍କର ସାହାଯ୍ୟ ନେଉଥିଲେ। କେତେକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ୪୦ ହଜାରରୁ ଅଧିକ ନାଗା ଯୋଦ୍ଧା ପ୍ରତ୍ୟେକ ରଣାଙ୍ଗନାରେ ଅଂଶ ଗ୍ରହଣ କରିଥିବାର ଇତିହାସର ଜଣାଯାଏ। ନାଗା ସନ୍ୟାସୀଙ୍କ ପାଇଁ ଆଖଡା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଆଖଡା ଆରମ୍ଭ ହୋଇଥିଲା। ଭାରତର ବିଭିନ୍ନ ଅଞ୍ଚଳରେ ନାଗା ସାଧୁଙ୍କ ପାଇଁ ରହିଛି ଅନେକ ଆଖାଡା। ପ୍ରଥମେ ଚାରୋଟି ଆଖଡା ଥିଲା। ପରବର୍ତ୍ତୀ ସମୟରେ ସାଧୁମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଓ ବିଚାର ଭେଦ ପାଇଁ ସମାନ ଚିନ୍ତାଧାରାର ସାଧୁଙ୍କୁ ନେଇ ଅଲଗା-ଅଲଗା ଆଖଡା ପ୍ରସ୍ତୁତ କରାଗଲା। ଆଖଡା ସଂଖ୍ୟା ୧୩କୁ ବୃଦ୍ଧି ପାଇଲା। ୨୦୧୯ ମସିହାରୁ ପ୍ରୟାଗରାଜରେ ଅର୍ଦ୍ଧ କୁମ୍ଭ ମେଳାରେ କିନ୍ନର ଆଖଡାକୁ ମଧ୍ୟ ଆନୁଷ୍ଠାନିକ ଭାବେ ସ୍ୱୀକୃତ ପ୍ରଦାନ କରାଯାଇ ସାମିଲି କରାଯାଇଥିଲା। କୁମ୍ଭ ମେଳାରେ ସାଧୁସନ୍ଥଙ୍କ ସହିତ କିନ୍ନର ମାନଙ୍କୁ ବହୁ ସଂଖ୍ୟାରେ ଦେଖିବାକୁ ମିଳନ୍ତି। ଅତୀତରେ ସୁରକ୍ଷା କବଚ ରୂପେ ଆଖଡା କାର୍ଯ୍ୟ କରୁଥିଲା। ଆଖଡାରେ ଗଦା ଓ ଖଣ୍ଡା ଚାଳନା ଆଦି ପ୍ରଦର୍ଶନ କରାଯାଉଥିଲା। ସେହି ୧୩ଟି ଆଖଡା ହେଲେ-ଶ୍ରୀ ନିରଞ୍ଜନ ଆଖଡା, ଜୁନା ଆଖଡା, ଶ୍ରୀ ମହା ନିର୍ବାଣ ଆଖଡା, ଶ୍ରୀ ଅଟଳ ଆଖଡା, ଶ୍ରୀ ଆହ୍ୱାନ ଆଖଡା, ଶ୍ରୀ ଆନନ୍ଦ ଆଖଡା, ଶ୍ରୀ ପଞ୍ଚାଗ୍ନି ଆଖଡା, ଶ୍ରୀ ନାଗପନ୍ଥୀ ଗୋରଖ ନାଥ ଆଖଡା, ଶ୍ରୀ ବୈଷ୍ଣବ ଆଖଡା, ଶ୍ରୀ ଉଦାସନୀ ପଞ୍ଚାୟତି କଡା ଆଖଡା, ଶ୍ରୀ ଉଦାସନୀ ନୂଆ ଆଖଡା, ଶ୍ରୀ ନିର୍ମଳ ପଞ୍ଚାୟତ ଆଖଡା, ଶ୍ରୀ ନିର୍ମୋହୀ ଆଖଡା। ନାଗା ସନ୍ୟାସୀଙ୍କ ଆଖଡା ତତ୍‌କାଳୀନ ସମୟରେ ଧର୍ମ ଓ ସାମାଜିକ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କୁମ୍ଭ ମେଳାର ଅନ୍ୟତମ ବିଶେଷ ଆକର୍ଷଣ ସାଜିଥାନ୍ତି ନାଗାସାଧୁ। ଶରୀରରେ ଭସ୍ମ ଲେପନ ପୂର୍ବକ ହସ୍ତରେ ତ୍ରିଶୂଳ ଖଣ୍ଡା ଧରି ନାଗା ସନ୍ୟାସୀମାନେ ବେଦମନ୍ତ୍ର ଉଚାରଣ କରି ଯାଉଥିବା ସମୟର ଦୃଶ୍ୟ ଅତ୍ୟନ୍ତ ରୋମାଞ୍ଚକର, ଭାବୋଦ୍ଦେକ ଓ ଚିତ୍ତାକର୍ଶକ। ନାଗା ସନ୍ୟାସୀରେ ପରିଣତ ହେବା ଏକ କଠୋର ସାଧାନା ଓ ତପସ୍ୟା। ନାଗା ଦୀକ୍ଷା ପାଇଁ ଜଣେ ଆଗ୍ରହୀ ବ୍ୟକ୍ତିଙ୍କୁ ମହାକୁମ୍ଭ ମେଳା ନିଜ ଗୁରୁ ସହ ଆସିବାକୁ ପଡେ। ବ୍ୟକ୍ତି ଜଣଙ୍କ ଗୁରୁଙ୍କ ଠାରୁ ବ୍ରହ୍ମଚର୍ଯ୍ୟା ଦୀକ୍ଷା ନିଅନ୍ତି ଏବଂ ଏକ ଗୋପନ ଉତ୍ସବରେ ନାଗାଦୀକ୍ଷା ଦିଆଯାଏ। ସେ ଯେ କୌଣସି ଏକ ଆଖଡାରେ ସାଧୁଭାବେ ଯୋଗ ଦିଅନ୍ତି। ବାରମ୍ବାର ପରୀକ୍ଷା ଦେଇ ବରିଷ୍ଠ ସନ୍ୟାସୀର ପ୍ରମାଣ ଦେବାକୁ ପଡିଥାଏ। ସଂପୂର୍ଣ୍ଣ ବ୍ରହ୍ମଚର୍ଯ୍ୟା ପାଳନ ସହ ଅନେକ କଠୋର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଜଣେ ନାଗା ସାଧୁ ହୁଅନ୍ତି ମହାପୁରୁଷ। ମହାପୁରୁଷର ପରବର୍ତ୍ତୀ ଉପାଧି "ଅବଧୂତ"। ଲଣ୍ଡା ହୋଇ ନିଜର ଶୁଦ୍ଧିକ୍ରିୟା କରି ସାରିଲେ ଜଣେ ହେବେ ସଂପୂର୍ଣ୍ଣ ନାଗା ସାଧୁ। ଏହି ସବୁ ପ୍ରକ୍ରିୟା ଦେଇ ଗତି କରିବାକୁ ପ୍ରାୟ ୧୨ ବର୍ଷ ସମୟ ଲାଗିଥାଏ। ସନ୍ୟାସୀ କେବଳ କୁମ୍ଭ ମେଳା ସମୟରେ ହିଁ ଦୀକ୍ଷା ଗ୍ରହଣ କରିଥାନ୍ତି। ଯେଉଁ ସ୍ଥାନରେ ସେମାନେ ନାଗା ହୋଇଥାନ୍ତି ସେହି ଅନୁଯାୟୀ ସେମାନଙ୍କର ନାମକରଣ କରାଯାଏ। ଯଥା ପ୍ରୟାଗରେ ନାଗା ହୋଇଥିବା ସନ୍ୟାସୀ ମାନଙ୍କୁ "ରାଜ ରାଜେଶ୍ୱରୀ" ହରିଦ୍ୱାରରେ ସାଧୁ ହୋଇଥିବା "କର୍ଫାନୀ' ଉଜ୍ଜୟିନୀରେ ନାଗା ହୋଇଥିବା ବାବା "ଖୁନୀ" ଓ ନାସିକ୍‌ରେ ନାଗା ହୋଇଥିବା ସନ୍ୟାସୀମାନେ "ଖିତଡିଆ ''ନାମରେ ପରିଚିତ।

ନାଗା ସାଧୁ ଓ କୁମ୍ଭ ମେଳାର ସଂପର୍କ ଅତି ଗଭୀର ଓ ନିବିଡ। କୁମ୍ଭ ମେଳାରେ ନାଗା ସାଧୁମାନଙ୍କର ଉପସ୍ଥିତ ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ଭାବ ଗର୍ଭକ ପରିବେଶ ସୃଷ୍ଟି କରିଥାଏ ଶ୍ରଦ୍ଧାଳୁ ମାନଙ୍କ ମନରେ। କୁମ୍ଭ ମେଳାରେ ଶାହୀସ୍ନାନକୁ ପୁଣ୍ୟ ଓ ଶୁଭ ବୋଲି ବିଶ୍ୱାସ କରାଯାଏ । ତେଣୁ କୁମ୍ଭ ମେଳା ସମୟରେ ଶାହୀସ୍ନାନ ପାଇଁ ସାଧୁସନ୍ଥଙ୍କ ପ୍ରବଳ ଭିଡ ଜମିଥାଏ। ବିଶେଷକରି ନାଗା ସାଧୁମାନଙ୍କର ଉପସ୍ଥିତି କୁମ୍ଭ ମେଳାର ଗୁରୁତ୍ୱକୁ ଅଧିକ ବୃଦ୍ଧି କରିଥାଏ। ରାଜକୀୟ ଶବାରୀ, ହାତୀ ଘୋଡାରେ ସଜସଜା, ଘଣ୍ଟ ବାଦ୍ୟରେ ନାଗା ଆଖଡାର ସାଧୁମାନେ ଶୋଭା ଯାତ୍ରାରେ ବାହାରିଥାନ୍ତି। ଶତାବ୍ଦୀ-ଶତାବ୍ଦୀ ଧରି ଶାହୀ ସ୍ନାନ ପରମ୍ପରା କୁମ୍ଭ ମେଳା ଅବସରରେ ପ୍ରଚଳିତ ହୋଇ ଆସୁଅଛି। ଏହି ସ୍ନାନ ସମୟରେ ନାଗାମାନଙ୍କର ୧୩ଟି ଆଖଡା ଭାଗ ନେଇଥାନ୍ତି। ଏଥି ପାଇଁ କୌଣସି ବୈଦିକ ପରମ୍ପରା ନାହିଁ। ୧୪୦୦ ଖ୍ରୀଷ୍ଟାବ୍ଦରୁ ୧୬୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଶାହୀ ସ୍ନାନ ଆରମ୍ଭ ହୋଇଥିବାର ଜଣାଯାଏ। ମୋଗଲ ଆକ୍ରମଣରୁ ଧର୍ମ ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ହିନ୍ଦୁ ଶାସକମାନେ ଆଖଡାରେ ସାଧୁମାନଙ୍କର ବିଶେଷ କରି ନାଗା ସାଧୁମାନଙ୍କର ସହଯୋଗ ନେଉଥିଲେ। ସମୟ କ୍ରମେ ନାଗା ସାଧୁମାନେ ଆକ୍ରାମଣାତ୍ମକ ହୋଇ ଉଠିଲେ। ଶାସକ ମାନେ ନାଗା ସାଧୁଙ୍କୁ ପରିଚାଳନା ପ୍ରତିନିଧି ମଣ୍ଡଳ ସହିତ ବୈଠକ କରି ରାଷ୍ଟ୍ରପତି କର୍ତ୍ତବ୍ୟ ସଂପର୍କରେ ସଚେତନ କରାଇଲେ। ତେଣୁ କୁମ୍ଭ ମେଳାରେ ପ୍ରଥମ ସ୍ନାନ କରିବାର ଅଧିକାର ମିଳିବାର ବ୍ୟବସ୍ଥା କରାଗଲା। ନାଗା ମାନଙ୍କର ଜୀବନ ଶୈଳି ସାଧାରଣ ଲୋକଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ। ନାଗାମାନେ ଭୋର ଚାରିଟାରେ ଶଯ୍ୟା ତ୍ୟାଗ କରନ୍ତି। ନିତ୍ୟକର୍ମ ପରେ ନାଗା ସନ୍ୟାସୀ ମାନଙ୍କର ପ୍ରଥମ କାର୍ଯ୍ୟ ଶୃଙ୍ଗାର କରିବା। ଏହାପରେ ସେମାନେ ଯଜ୍ଞ, ଧ୍ୟାନରେ ନିଜକୁ ବ୍ୟସ୍ତ ରଖନ୍ତି। ସେମାନେ ଦିନକୁ ଥରେ ଅର୍ଥାତ ସନ୍ଧ୍ୟା ବେଳେ ଭୋଜନ କରିଥାନ୍ତି। ମହିଳାଙ୍କ ୧୬ ପ୍ରକାର ଶୃଙ୍ଗାରକୁ ପଛରେ ପକାଇ ୧୭ ପ୍ରକାର ଶୃଙ୍ଗାର କରିଥାନ୍ତି ନାଗା ସାଧୁମାନେ। ଶାହୀ ସ୍ନାନ ପରେ ନାଗାସାଧୁମାନେ ନିଜ ଆଖଡାକୁ ଯାଇ ଏହି ଶୃଙ୍ଗାର କରନ୍ତି। ନାଗା ସାଧୁମାନଙ୍କର ଶୃଙ୍ଗାର ସାଧାରଣ ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରେ। ନାଗା ସାଧୁମାନେ ୧୭ ପ୍ରକାର ଶୃଙ୍ଗାର ନିଜକୁ ସଜାନ୍ତି। ଯାହାକୁ କୁମ୍ଭ ମେଳାର ଶାହୀ ସ୍ନାନ ସମୟରେ ଦେଖିବାକୁ ମିଳିଥାଏ। କୁହାଯାଏ ୧୭ ଶୃଙ୍ଗାରରେ କୁମ୍ଭ ମେଳାରେ ନାଗା ସାଧୁମାନଙ୍କୁ ଦର୍ଶନ କଲେ ଅନେକ ପୁଣ୍ୟ ଲାଭ ହୋଇଥାଏ। ନାଗା ସନ୍ୟାସୀମାନଙ୍କର ୧୭ ଶୃଙ୍ଗାରରେ କୌପନି, ଭସ୍ମ, ଚନ୍ଦନ ପାଖରେ ଲୁହା ନଚେତ ରୂପା କଡା, ଅଣ୍ଟାରେ ଫୁଲମାଳ, ପଞ୍ଚକେଶ, ମଥାରେ କୁଣ୍ଡଳ, ହାତରେ ଚିମୁଟା, ଡମ୍ବରୁ, କମଣ୍ଡଳୁ, ହାତରେ କଡା, ବିଭୂତି, ବାହୁରେ ରୁଦ୍ରାକ୍ଷ, ମାଳ ଆଦି ସାମିଲ ଅଛି। ମହିଳାମାନେ ମଧ୍ୟ ନାଗା ସାଧୁ ସଂପ୍ରଦାୟରେ ଦୀକ୍ଷିତ ହୋଇଥାନ୍ତି। ମହିଳା ନାଗା ସାଧୁ ବା ସାଧ୍ୱୀ ହେବା ପାଇଁ ସେମାନଙ୍କୁ ଅଧିକ କଠିନ ସାଧନାର ସମ୍ମୁଖୀନ ହେବାକୁ ପଡିଥାଏ। ପୁରୁଷ ନାଗା ସାଧୁମାନେ ସାଧାରଣତଃ ନଗ୍ନ ଅବସ୍ଥାରେ ରହୁଥିବାର ଦେଖାଯାଏ। କିନ୍ତୁ ମହିଳା ନାଗା ସାଧ୍ୱୀ ମାନେ ବସ୍ତ୍ର ପରିଧାନ କରନ୍ତି। ମହିଳା ନାଗା ସାଧ୍ୱୀମାନଙ୍କର ଦର୍ଶନ ଦୁର୍ଲଭ। ବିଶେଷ ଉତ୍ସବରେ ସେମାନେ ଦେଖାଯାନ୍ତି। କୁମ୍ଭ ଓ ମହା କୁମ୍ଭ ମେଳାରେ ସେମାନଙ୍କର ଦର୍ଶନ ମିଳିଥାଏ। କୁମ୍ଭ ବା ମାଘ ମେଳାରେ ପ୍ରୟାଗ ରାଜରେ ପବିତ୍ର ସ୍ନାନ କରିବାକୁ ସେମାନେ ଆସିଥାନ୍ତି। ମହିଳା ନାଗା ସାଧୁମାନେ ବିଭିନ୍ନ ନାମରେ ନାମିତ। ସେମାନଙ୍କୁ ମାଇ, ନାଗିନ ଓ ଅବଧୂତାନୀ ଆଦି ନାମରେ ସମ୍ବୋଧନ କରାଯାଏ। ଅନ୍ୟ ସନ୍ୟାସିନୀମାନେ ସେମାନଙ୍କୁ ମାତା ବୋଲି କହିଥାନ୍ତି। ହିନ୍ଦୁ ଧର୍ମରେ ଥିବା ବିଭିନ୍ନ ସଂପ୍ରଦାୟର ସାଧୁମାନଙ୍କ ମଧ୍ୟରେ ନାଗା ସାଧୁ ଓ ଅଘୋରୀ ଅନ୍ୟତମ। ଉଭୟ ଶିବଙ୍କର ଉପାସକ ଅଟନ୍ତି। ପାଉଁଶ ବୋଳା ମଳିନ ନଗ୍ନଶରୀର ଏକା ଭଳି ଲାଗୁଥିଲେ ହେଁ ସେମାନଙ୍କର ଚଳଣି, ବିଶ୍ୱାସ, ଜୀବନ ଶୈଳି ଓ ତପସ୍ୟା ମଧ୍ୟରେ ଅନେକ ତଫାତ ବା ପାର୍ଥକ୍ୟ ଦେଖିବାକୁ ମିଳେ। ଅଘୋରୀମାନେ ଶିବ ଉପାସକ ଅଟନ୍ତି। ଭଗବାନ ଶିବଙ୍କୁ ଅଘୋରୀଙ୍କର ପ୍ରଣେତା ବୋଲି ଜଣାଯାଏ। ଶିବଙ୍କର ପାଞ୍ଚ ରୂପରୁ ଏକ ରୂପ ଅଘୋରୀ। ଶିବ ଉପାସନା କରିବା ପାଇଁ ଅଘୋରୀମାନେ ଶବ ଉପରେ ବସି କଠୋର ସାଧନା କରନ୍ତି। "ଶବରୁ ଶିବ ପ୍ରାପ୍ତି"ରେ ଦୃଢ ଦେଖାନ୍ତି ଅଘୋରୀମାନେ। ଶ୍ମଶାନ ଘାଟରେ ଅଘୋରୀମାନେ ତିନି ପ୍ରକାର ସାଧନା କରନ୍ତି। ସେମାନେ ମାଂସ ଓ ମଦ ଭୋଗରେ ରଖିଥାନ୍ତି। ଶବ ପରେ ଗୋଟିଏ ଗୋଡରେ ଠିଆ ହୋଇ ସାଧନା କରିଥାନ୍ତି। ଶ୍ମଶାନ ଘାଟରେ ରହି ସେମାନେ ପୂଜାପାଠ କରନ୍ତି। ଅଘୋରୀ ମାନଙ୍କର କହିବା ଅନୁଯାୟୀ ସବୁ ମଣିଷ ଅଘୋରୀ ଭାବେ ଜନ୍ମ ନେଇଥାନ୍ତି। ଛୋଟ ପିଲାମାନେ ଯେପରି ଭଲ ମନ୍ଦ କିଛି ଜାଣି ନଥାନ୍ତି ଠିକ ସେହିଭଳି ଅଘୋରୀମାନେ ଭଲ ମନ୍ଦକୁ ଏକା ଦୃଷ୍ଟିରେ ଦେଖନ୍ତି। ଅଘୋରୀମାନେ ବ୍ରହ୍ମଚର୍ଯ୍ୟା ପାଳନ କରନ୍ତି ନାହିଁ। ଅଘୋରୀ ମାନେ କୁକୁର ପ୍ରିୟ କିନ୍ତୁ ଗାଇ, ଛେଳି, ମଣିଷ ମାନଙ୍କ ଠାରୁ ଦୂରେଇ ରହିଥାନ୍ତି। ଅଘୋରୀ ମାନଙ୍କର ଜୀବନ ଶୈଳି ଅତି ବିଚିତ୍ର। ସେମାନଙ୍କର ଖାଦ୍ୟ କଥା ଭାବିଲେ ଦେହି ଶିତେଇ ଉଠେ। ଅତି ଭୟଙ୍କର ଦେଖାଯାଉଥିବା କିଛି ଅଘୋରୀ ଶ୍ମଶାନ ଘାଟରେ ପୋଡା ଯାଇଥିବା ଅର୍ଦ୍ଧ ଦଗ୍ଧ ଶରୀରରୁ ମାଂସ କାଢି ଭକ୍ଷଣ କରିଥାନ୍ତି ବୋଲି କୁହାଯାଏ। ତେବେ ଏହାର ସତ୍ୟତା ଅନୁସନ୍ଧାନ ସାପେକ୍ଷ। ଯେଉଁ ଜିନିଷକୁ ସାଧାରଣ ଲୋକେ ଘୃଣା କରନ୍ତି ସେହି ଜିନିଷକୁ ନିଜ ସାଧନାର ଏକ ଅଂଶ ଭାବେ ଗ୍ରହଣ କରିଥାନ୍ତି।

ଅଘୋରୀ ମାନେ ସର୍ବଦା ମଣିଷର ଖପୁରୀକୁ ନିଜ ପାଖରେ ରଖିଥାନ୍ତି। ଏହାକୁ ଖାଦ୍ୟ ଖାଇବାର ପାତ୍ର ଭାବେ ବ୍ୟବହାର କରନ୍ତି। ଏହି କାରଣରୁ ସେମାନଙ୍କୁ କପାଳିକ ବୋଲି କୁହାଯାଏ। ଅଘୋରୀମାନଙ୍କର ଜୀବନର ଅନେକ ରହସ୍ୟକୁ ଏବେ ମଧ୍ୟ ଲୋକ ଲୋଚନକୁ ଅଣାଯାଇ ପାରିନାହିଁ। ଏ ସଂପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ନାଗା ଓ ଅଘୋରୀ ସାଧୁଙ୍କ ଏକା ଭଳି ବେଶ ଭୂଷା କିନ୍ତୁ ଅନ୍ତର ଅନେକ ରହିଛି। ଅଘୋରୀମାନେ କୁମ୍ଭ ମେଳାକୁ ଯାଆନ୍ତି ନାହିଁ। ନାଗା ହେବା ପାଇଁ ଆଖଡାରେ ଦୀକ୍ଷା ଗ୍ରହଣ କରିବାକୁ ପଡିଥାଏ। କିନ୍ତୁ ଅଘୋରୀ ହେବା ପାଇଁ ଜୀବନର ଅନେକ ବର୍ଷ ଶ୍ମଶାନରେ ବହୁକଷ୍ଟରେ ବିତେଇବାକୁ ପଡିଥାଏ। ଶ୍ରୀକ୍ଷେତ୍ର ପୁରୀରେ ନାଗା ମଠ ରହିଛି। ଶ୍ରୀମାଧି ଗୌଡୀୟ ସଂପ୍ରଦାୟର ଅନ୍ୟତମ ପ୍ରମୁଖ ମଠ ହେଉଛି ନାଗା ମଠ। ପୁରୀ ହରଚଣ୍ଡୀ ସାହିରେ ଏହି ପ୍ରସିଦ୍ଧ ମଠ ଅବସ୍ଥିତ। ଏହି ମଠରେ ଦୀକ୍ଷିତ ସାଧୁମାନେ ଅନ୍ୟ ସାଧାରଣ ସାଧୁଙ୍କ ପରି ଜୀବନ ଯାପନ କରନ୍ତି।

# କୁମ୍ଭ ମେଳା ୨୦୨୫



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯



କୁମ୍ଭ ମେଳା ଆଧ୍ୟାତ୍ମିକ,ସାଂସ୍କୃତିକ, ସହିତ ସ୍ୱଚ୍ଛତାର ଏକ ସୁନ୍ଦର ନିଦର୍ଶନ। କୁମ୍ଭ ମେଳାର ପ୍ରାରମ୍ଭ କେବେଠାରୁ ହୋଇଥଲା ତାହା ଠିକ୍ ଭାବରେ କହି ହେବନାହିଁ କାରଣ ଯେବେ ବି ଆରମ୍ଭ ହୋଇଥିଲା ସେତେବେଳେ ଇତିହାସର ରଚନା ବୋଧହୁଏ ଆରମ୍ଭ ହୋଇନଥିଲା। ଅନେକ ବିଶ୍ୱାସ କରନ୍ତି ଯେ କୁମ୍ଭ ମେଳାର ଆରମ୍ଭ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ହୋଇଥିଲା। ଆଦି ଶଙ୍କରାଚାର୍ଯ୍ୟ ସମଗ୍ର ବିଶ୍ୱର ହିନ୍ଦୁଙ୍କୁ ଏକାଠି କରିବା ପାଇଁ କୁମ୍ଭ ମେଳାର ଆୟୋଜନ କରିଥିଲେ। ପୁରାଣରେ ଲେଖା ଅଛି ଯେ ଅମୃତ ପାଇବା ପାଇଁ ଦେବତା ଓ ଅସୁର ମିଶି କ୍ଷୀର ସମୁଦ୍ରକୁ ମନ୍ଥନ କରିଥିଲେ। ପରେ ପରେ ଅମୃତ ପାଇବା ପାଇଁ ଦେବତା ଓ ଅସୁରଙ୍କ ଭିତରେ ସଂଗ୍ରାମ ହୋଇଥଲା। ଅମୃତ କୁମ୍ଭରୁ ଅମୃତର ଟୋପା ଯେଉଁ ଯେଉଁ ସ୍ଥାନରେ ପଡ଼ିଛି ବୋଲି ବିଶ୍ୱାସ ରହିଛି ସେହି ସ୍ଥାନରେ କୁମ୍ଭ ମେଳାର ଆୟୋଜନ କରାଯାଇଛି। ନାଶିକ, ହରିଦ୍ୱାର, ପ୍ରୟାଗରାଜ ଓ ଉଜ୍ଜୟିନିରେ ପୂର୍ଣ୍ଣ କୁମ୍ଭ, ମହା କୁମ୍ଭ ଓ ଅର୍ଦ୍ଧ କୁମ୍ଭର ଆୟୋଜନ ହୋଇଥାଏ। ଶ୍ରଦ୍ଧାଳୁ ଏହି ସମୟରେ କୁମ୍ଭରେ ସ୍ନାନ କରି ନିଜକୁ ଭାଗ୍ୟବାନ ମନେ କରିଥାଆନ୍ତି । ପ୍ରୟାଗ ରାଜରେ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ସଙ୍ଗମ ହୋଇଥିବାରୁ ଏହା ଏକ ପବିତ୍ର ସ୍ଥାନ ଭାବରେ ଗ୍ରହଣ କରାଯାଏ। ପ୍ରୟାଗ ରାଜରେ ହେଉଥିବା କୁମ୍ଭମେଳାରୁ ଲାଭନେବାକୁ ସାଧୁ ସନ୍ଥ ଓ ଶ୍ରଦ୍ଧାଳୁ ମାନେ ଶହ ଶହ ସଂଖ୍ୟାରେ ଏକାଠି ହୁଅନ୍ତି ସ୍ନାନ ଦାନ କରି ପୁଣ୍ୟ ଅର୍ଜନ କରିବାରେ କେବେ ହେଲେ ବିରତ ହୁଅନ୍ତି ନାହିଁ। ବର୍ତ୍ତମାନ ଏହି ପବିତ୍ର ସଂଗମ ସ୍ଥାନରେ ମହା କୁମ୍ଭର ଆୟୋଜନ ହୋଇଛି। ମହା କୁମ୍ଭ ୧୪୪ ବର୍ଷରେ ଥରେ ହୋଇଥାଏ। ଏହି ବର୍ଷ ଜାନୁୟାରୀ ୧୩ ତାରିଖରେ ମହାକୁମ୍ଭ ଆରମ୍ଭ ହୋଇଛି ଏବଂ ଶେଷ ହେବ ମହା ଶିବରାତ୍ରିରେ। ଜ୍ୟୋତିଷ ଗଣନା ଅନୁସାରେ ଯେତେବେଳେ ସୂର୍ଯ୍ୟ ଏବଂ ଚନ୍ଦ୍ର ବିଛା ରାଶିରେ ଏବଂ ବୃହସ୍ପତି ମେଷ ରାଶିରେ ପ୍ରବେଶ କରନ୍ତି ସେତେବେଳେ କୁମ୍ଭମେଳାର ଯୋଗ ପଡ଼ିଥାଏ। ମକର ସଂକ୍ରାନ୍ତି ଦିନକୁ 'କୁମ୍ଭ ସ୍ନାନ ଯୋଗ' ମଧ୍ୟ କୁହାଯାଏ ଏହି ଦିନ ଶହ ଶହ ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ସ୍ନାନ କରି ନିଜକୁ ଧନ୍ୟ ମନେ କରିଥାନ୍ତି। ଭିନ୍ନ ଭିନ୍ନ ଆଖଡ଼ାର ସାଧୁସନ୍ଥମାନେ କୁମ୍ଭ ମେଳା ସମୟରେ ଆସି ପବିତ୍ର ପାଣିରେ ସ୍ନାନ କରିଥାଆନ୍ତି। ଏହି ଆଖଡ଼ାର ସାଧୁସନ୍ଥଙ୍କ ପାଇଁ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ଆମ ଦେଶରେ ମୁଖ୍ୟତଃ ଛ' ଟି ଆଖଡ଼ା ରହିଛି ସେଗୁଡିକ ଯଥା କ୍ରମେ ଶ୍ରୀ ମହା ନିବାଣି ଆଖଡ଼ା, ଶ୍ରୀ ନିରଞ୍ଜନି ଆଖଡ଼ା, ଶ୍ରୀ ଅଟଳ ଆଖଡ଼ା, ଶ୍ରୀ ଆନନ୍ଦ ଆଖଡ଼ା, ଶ୍ରୀ ଭୈରବ ଆଖାଡା ଓ ଆବାହନ ଆଖଡ଼ା। ନାଗା ସାଧୁମାନେ ମଧ୍ୟ ଏହି କୁମ୍ଭ ମେଳାରେ ଯୋଗ ଦେଇଥାନ୍ତି। ଏହି ସମସ୍ତ ଆଖଡ଼ା ହିନ୍ଦୁ ଧର୍ମର ଭିନ୍ନ ଭିନ୍ନ ବିଶ୍ୱାସକୁ ଧରି ନିଜର ଆଧ୍ୟାତ୍ମିକ ସାଧନାରେ ଲିପ୍ତ ରୁହନ୍ତି। ସମସ୍ତଙ୍କର କିନ୍ତୁ ଏକ ମାତ୍ର ଲକ୍ଷ୍ୟ ହେଉଛି ମୁକ୍ତି ବା ନିର୍ବାଣ।

ଏହି ସମସ୍ତ ଧାର୍ମିକ ଆୟୋଜନ ଓ ଉତ୍ସାହ ଭିତରେ ଗୋଟିଏ ଅଘଟଣ ଘଟି ଯାଇଛି। ମୌନୀ ଅମାବାସ୍ୟା ଅବସରରେ ସାହି ସ୍ନାନରେ ଭାଗ ନେବା ପାଇଁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଦଳା ଚକଟାର ଶିକାର ହୋଇଛନ୍ତି। ତ୍ରିବେଣୀ ସଙ୍ଗମର ତଟରେ ଶୋଇଥିବା ଶ୍ରଦ୍ଧାଳୁଙ୍କ ଉପରେ ଲୋକ ଚଢ଼ିଯାଇଛନ୍ତି ଯେଉଁଥିପାଇଁ ପ୍ରାୟ ପଚାଶ ଉପରେ ଲୋକ ପ୍ରାଣ ହରାଇଛନ୍ତି ଓ ଅନେକ କ୍ଷତାକ୍ତ ହୋଇ ଚିକିତ୍ସାଧୀନ ହୋଇଛନ୍ତି। ଏହି ବ୍ୟତିକ୍ରମର ମୂଳ କାରଣ ହେଉଛି ଅବ୍ୟବସ୍ଥା । ପ୍ରଶାସନ ଏତେ ଲୋକଙ୍କ ଉପସ୍ଥିତି ପାଇଁ ନିଜକୁ ପ୍ରସ୍ତୁତ କରି ପାରିନାହିଁ ସେଥିପାଇଁ ଏହି ପରି ଏକ ଦୁଃଖଦ ଘଟଣା ଘଟି ଯାଇଛି। ଏହି ଅଭାବନୀୟ ଘଟଣା ସମଗ୍ର ଦେଶର ଲୋକଙ୍କୁ ନିଶ୍ଚୟ ବିଚଳିତ କରିଛି। ଆଗକୁ ଯେତେବେଳେ ଭିନ୍ନ ଭିନ୍ନ ରାଜ୍ୟର ସରକାର ମାନେ ବହୁ ଲୋକଙ୍କ ସମାଗମ ପାଇଁ ବ୍ୟବସ୍ଥା କରିବେ ସେତେବେଳେ କୌଣସି ପ୍ରକାର ଦୁର୍ଘଟଣା ଯେପରି ନ ହୁଏ ସେଥିପାଇଁ ସତର୍କ ହେବେ।

ଯେଉଁ ମାନେ ନିଜ ନିଜ ଲୋକଙ୍କୁ ହରାଇଛନ୍ତି ସେମାନଙ୍କ ପାଇଁ ଏହା ଏକ ଅପୂରଣୀୟ କ୍ଷତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୪ ଫେବୃୟାରୀ ୨୦୨୫ ମଙ୍ଗଳବାର





# ଗାଡ଼ି ଚାଳନା ବେଳେ ମନର ଆବେଗରେ ବଶବର୍ତ୍ତୀ ନ ହେବାକୁ ପରାମର୍ଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଜାନୁୟାରୀ ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଥିବା ବେଳେ ସଚେତନତା ମାସ ପାଳନର ଉଦ୍‌ଯାପନୀ ଦିବସ ଜିଲ୍ଲା ପରିବହନ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିବହନ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଦାନ କରଥିଲେ । ସେ ଏହି ଅବସରରେ ସମସ୍ତ ଜନସାଧାରଣ ଜୀବନର ଗୁରୁତ୍ୱକୁ ଉପଲବ୍ଧ କରିବାକୁ ପରାମର୍ଶ ଦେଇ ସଡ଼କ ଦୁର୍ଘଟଣାରେ ଜୀବନ ହାନୀ ଜାତି ଓ ସମାଜ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ । ବିକାଶଶୀଳ ଦେଶ ବା ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁହାର କମ୍ ବା ଶୂନ୍, ଶୃଙ୍ଖଳିତ ଓ ବ୍ୟବସ୍ଥିତ ଗାଡି ଚାଳନା ଆମ ସାମାଜିକ ଓ ଅର୍ଥନୈତିକ ବିକାଶର ପ୍ରତିଫଳନ । ଏଣୁ ଆମର ଶୃଙ୍ଖଳିତ ଓ ବ୍ୟବସ୍ଥିତ ଜୀବନଚର୍ଯ୍ୟା ସଡ଼କ ଦୁର୍ଘଟଣାକୁ ବହୁମାତ୍ରାରେ ପ୍ରତିହତ କରିପାରିବ ବୋଲି କହିବା ସହିତ ଜିଲ୍ଲାରେ ସଡ଼କ ଦୁର୍ଘଟଣା ମୃତ୍ୟୁହାରକୁ ଶୂନ୍ୟ କରିବା ଲକ୍ଷ୍ୟରେ ସମସ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ, ଉପଆରକ୍ଷୀ ଅଧିକ୍ଷକ ଚନ୍ଦ୍ର ଶେଖର ଶବର ପ୍ରମୁଖ ଯୋଗଦାନ କରି ନିଜ ନିଜର ସଚେତନତା ବାର୍ତ୍ତା ପ୍ରଦାନକରି ଯାନବାହାନ ଚାଳନା ସମୟରେ ମନର ଆବେଗରେ ବଶବର୍ତ୍ତୀ ନହେବାକୁ ପରାମର୍ଶ ଦେଇଥିଲେ । ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ସମାରୋହରେ ଅଧକ୍ଷତା କରିଥିଲେ । ଜିଲ୍ଲାପ୍ରଶାସନ ତଥା ପରିବହନ ବିଭାଗ ତରଫରୁ ସଚେତନତା ମାସ ପାଳନ ନିମନ୍ତେ ନିଆଯାଇଥିବା ସଡ଼କ ସୁରକ୍ଷା ନିମିତ୍ତ ଗାଡି ଚଳାଚଳ ନିମନ୍ତେ ବ୍ୟବସ୍ଥିତ ଆଇନ, ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆଲୋକପାତ କରିଥିଲେ । ଏହି ପରିପେକ୍ଷୀରେ ବିଭିନ୍ନ ସମୟରେ ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଡାକ୍ତରଖାନାରେ ପହଞ୍ଚାଇଥିବା ୭ ଜଣ ବ୍ୟକ୍ତି ସର୍ବଶ୍ରୀ ବିନୋଦ ଘଡିଆଙ୍କୁ ୪୦୦୦ ଟଙ୍କା, ରୁପେଶ ସର୍ଭଙ୍ଗଙ୍କୁ ୨୦୦୦ ଟଙ୍କା, ଗୋପୀନାଥ ଧାରୁଆଙ୍କୁ ୨୦୦୦ ଟଙ୍କା, ତପନ ସାହୁଙ୍କୁ ୨୦୦୦ ଟଙ୍କା, ମାଗୁଣି ଭୋଇଙ୍କୁ ୨୦୦୦ ଟଙ୍କା, ରାଜ କୁମାର ମେହେରଙ୍କୁ ୪୦୦୦ ଟଙ୍କା ଓ ଚିନ୍ମୟ ପଟ୍ଟନାୟକଙ୍କୁ ୨୦୦୦ ଟଙ୍କା । ଗୁଡ଼ ସାମରିଟନ ଭାବରେ ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କାର ଚେକ୍ ଓ ମାନପତ୍ର ଦେଇ ଅତିଥିବୃନ୍ଦ ସମ୍ମାନିତ କରିଥିଲେ । ପୁନଶ୍ଚ ଜିଲ୍ଲା ସ୍ତରୀୟ ପେଣ୍ଟିଂ ଓ ସ୍ଲୋଗାନ୍ କମ୍ପିଟିସନ୍‌ରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ବିଭିନ୍ନ ପ୍ରକାର ସହଯୋଗ ପାଇଁ ସହରରର ବିଭିନ୍ନ ଅନୁଷ୍ଠାନ ଯଥା ବୁଢ଼ାରଜା ଯୁବ ସମାଜ ସେବୀ ସଙ୍ଗଠନ, ନେହେରୁ ଯୁବା କେନ୍ଦ୍ର, ରେଆର ସୋନପୁର, କଦମ୍ବ ମୂଳ ଅନୁଷ୍ଠାନ, ଚାଇଲ୍ଡ ଲାଇନ୍, କୋଶଳ ଉଚ୍ଚ ବିଦ୍ୟାଳୟକୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପରିବହନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ସୁକାନ୍ତି ଏକାଡେମୀ, ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ, କୋଶଳ ଉଚ୍ଚ ବିଦ୍ୟାଳୟ, ମହିଳା ଡିଗ୍ରୀ କଲେଜ, ଚନ୍ଦ୍ର ଏକାଡେମୀ ପ୍ରଭୃତି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟାଳୟର ଏମ୍‌ଭିଆଇ ବିଶ୍ୱରଞ୍ଜନ ସାହୁ, ଟିଏସ୍‌ଆଇ ପୂଜା ଭେଙ୍ଗରା, ଅବିନାଶ ଭୁଏ, ହିମାଂଶୁ ରଞ୍ଜନ ସାହୁ, ଚିତ୍ତରଞ୍ଜନ ଭୋଇ, ଜ୍ୟୋତି ପ୍ରସାଦ ସାହୁ, ମଳୟ ପ୍ରତାପ ପାଣିଗ୍ରାହୀ, ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବିଶ୍ୱ ଏଡ୍‌ସ୍ ଦିବସରେ ଏଚ୍‌ଆଇଭି/ଏଡ୍‌ସ୍ ସଚେତନ କାର୍ଯ୍ୟକ୍ରମ



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛତାମଖନା ଠାରେ ଯୁବ ରେଡ଼କ୍ରସ୍ ତଥା ରେଡ଼ ରିବନ୍ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ୍ ଦିବସ ତଥା ଏଚ୍‌ଆଇଭି/ଏଡ୍‌ସ୍ ସଚେତନ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଡ. ଧନଞ୍ଜୟ ସେଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ରେଡ଼କ୍ରସ୍‌ର ପୃଷ୍ଠପୋଷକ ଆଜୀବନ ସଦସ୍ୟ ବିଷ୍ଣୁ ପ୍ରସାଦ କେଡିଆ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ରେଡ଼କ୍ରସ୍ ବିଷୟରେ କହିବା ସହିତ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ଜିଲ୍ଲା ଏଡ୍‌ସ୍ ସେଲ୍‌ର ମୁଖ୍ୟ ରାଜେନ୍ଦ୍ର ମହାରଣା ଯୋଗଦେଇ ଏଚ୍‌ଆଇଭି/ଏଡ୍‌ସ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ଯୁବ ରେଡ଼କ୍ରସ୍‌ର ଜିଲ୍ଲା ସଂଯୋଜକ ଡ. ଦୈତାରି ପୂଜାରିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ଗିରିଜା ଶଙ୍କର ମିଶ୍ର ତଥା ପଦ୍ମାଳୟା ତ୍ରିପାଠୀ ମଞ୍ଚାସିନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ, ନୃତ୍ୟ, ଭାଷଣ ଆଦି ପ୍ରତିଯୋଗିତା କରି କୃତି ପ୍ରତିଯୋଗିମାନଙ୍କୁ ପରସ୍କାର ବିତରଣ କରାଯାଇଥିଲା । ଓଡ଼ିଆ ଅଧାପିକା ଚାରୁଲତା ମିଶ୍ର, ରାଧାକାନ୍ତ ସାହୁ, ପ୍ରେମାନନ୍ଦ ବିଶି, ଦୁର୍ବାଦଳ ମିଶ୍ର, ଦୁଃଖିଶ୍ୟାମ ବାଗ ପ୍ରଭୃତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଡ. ପବିତ୍ର କୁମାର ଦଣ୍ଡସେନାଙ୍କ ଧନ୍ୟବାଦ ଅର୍ପଣ ପରେ ସଭା ପରିସମାପ୍ତି ହୋଇଥିଲା ।

# କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ରୁତୁଙ୍ଗିଆ ପଞ୍ଚାୟତରେ କଟ୍ରିକିଆ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ୨୦୨୫ ଉଦ୍‌ଯାପିତ ହୋଇଯାଇଛି । କ୍ଲଷ୍ଟରର ସିଆର୍‌ସିସି ସାବତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ରୁତୁଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୋମନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣପତିଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପ ଧୂପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ରୁତୁଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ପରିଚ୍ଛା, ମୁଖ୍ୟ ବକ୍ତା ଭାବେ କଟ୍ରିକିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ଓ ମହତ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଏହି ମେଳାରେ ମୌଳିକ ସାକ୍ଷରତା, ମୌଳିକ ସଂଖ୍ୟା ଜ୍ଞାନ, ସୃଜନଶିଳତା ଭଳି ୧୫ଟି ବିଦ୍ୟାଳୟରୁ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଷ୍ଟଲ୍ କରି ନିଜ ନିଜର କାରୁକାର୍ଯ୍ୟ ପ୍ରଦର୍ଶନ କରିଥିଲେ । ଏଥିରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ବିଦ୍ୟାଳୟର କୁନି କୁନି କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସମସ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।



# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଆର୍. ନୂଆଗାଁ କ୍ଲଷ୍ଟରର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ରାହ୍ମଣ ସାହି ରମ୍ଭାରେ ନିପୁଣ ଓଡ଼ିଶା ମେଳା -୨୦୨୫ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଯାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ରାଜ୍ୟପାଳ ପୁରସ୍କୃତ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଗଞ୍ଜାମ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ଚନ୍ଦ୍ର ବେହେରା ଓ ସଂଯୁକ୍ତା ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ଆର. ନୂଆଁ ଗାଁ କ୍ଲଷ୍ଟରର ସି.ଆର.ସି.ସି. ରବୀନ୍ଦ୍ର କୁମାର ପଣ୍ଡା, ପାଳିବନ୍ଧ ସି.ଆର.ସି.ସି. ସନ୍ତୋଷ କୁମାର ତ୍ରିପାଠୀ, ପାଲଙ୍ଗ ସି.ଆର୍.ସି.ସି. ସିମାଞ୍ଚଳ ପାଣି ପ୍ରମୁଖ ମଞ୍ଚାସିନ ରହିଥିଲେ । ନିମନ୍ତ୍ରିତ/ଆମନ୍ତ୍ରିତ ଅତିଥି ମାନଙ୍କୁ ଉପଢୌକନ ସହ ଫୁଲତୋଡ଼ା ଦେବା ସହ ଗଜାନନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସାମୁହିକ ପ୍ରଦୀପ ପ୍ରଜ୍ୱଳନ ଏବଂ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ଓ ନୃତ୍ୟ ପ୍ରଦର୍ଶନ ହୋଇଥିଲା । ମଞ୍ଚ ପରିଚାଳନା ଶିକ୍ଷକ ସମୀର କୁମାର ଅଧିକାରୀ ରହିଥିଲେ ମଞ୍ଚାସିନ ଅତିଥିମାନେ ଅଭିଭାଷଣରେ ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ମନ୍ତବ୍ୟ ଦେବା ସହ ନିପୁଣ ଓଡ଼ିଶା ମେଳାର ଗୁରୁତ୍ୱ ଓ ଏହା ମାଧ୍ୟମରେ ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ତତ୍‌ସହିତ ମୌଳିକ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଶିକ୍ଷୟିତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇପାରିବ । ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ମନୁଦେବୀ, ସସ୍ମିତା ଦାଶ, ନିରୁପମା ବେହେରା, ସରୋଜିନୀ ନାହାକ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଅଳକା ବେହେରା, ସୁମିତ୍ରା ବେହେରା, ଲିଲି ବେହେରା, ଲିପ୍‌ସିତା ପାତ୍ର, ରିଙ୍କି ପାତ୍ର, ଧରଣୀଧର ବେହେରା, ନିତ୍ୟାନନ୍ଦ ବେହେରା, ତ୍ରିନାଥ ବେହେରା, ଦିଲ୍ଲୀପ ପ୍ରଧାନ, ରଞ୍ଜିତା ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଆର. ନୂଆଗାଁ କ୍ଲଷ୍ଟରର ୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରାୟ ୧୨୦ ଜଣ ଅଭିଭାବକ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଏଥିରେ ସାମିଲ୍ ହୋଇଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଆନ୍ଦୋଳନ ପାଇଁ ରେଳ ଉପଭୋକ୍ତା ସଂଘର ସଜବାଜ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ମାଳପଡା ସ୍ଥିତ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟ ଠାରେ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାରା ଭାରତରେ ରେଳବାଇର ଉନ୍ନତିକରଣ ଚାଲିଥିଲେ ମଧ ବଲାଙ୍ଗିର ରେଳ ଷ୍ଟେସନ୍‌ର ଉନ୍ନତିକରଣ ପ୍ରାୟତଃ ଆଖିଦୃଶିଆ ନୁହେଁ । ଗତବର୍ଷେ ରେଳ ଉପଭୋକ୍ତା ସଂଘ ୪ ଦଫା ଦାବିକୁ ନେଇ ଧାରଣାରେ ବସିଥିଲା । ଦିର୍ଘ ବର୍ଷେ ବିତି ଯାଇଥିଲେ ମଧ ଗୋଟିଏ ବି ଦାବି ପୂରଣ ହୋଇନାହିଁ । ବଲାଙ୍ଗିରରୁ ଭୁବନେଶ୍ୱର ପ୍ରତ୍ୟେକ ଦିନ ଯାଇ ଫେରି ଆସିବା ପାଇଁ ଏକ ସକାଳୁଆ ଟ୍ରେନ୍, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ୍, ବଲାଙ୍ଗିରରେ ଟ୍ରେନ୍‌ର ରକ୍ଷଣାବେକ୍ଷଣ ପାଇଁ ଏକ ପିଆଟି ଲାଇନ୍‌ର ସୁବିଧା ଏବଂ ଦିର୍ଘ ବର୍ଷ ଧରି ଲିଫ୍ଟ ପାଇଁ ଦାବି କରୁଥିଲେ ମଧ ସିଭିଲ୍ ବିଭାଗ ଓ ବିଦ୍ୟୁତ୍ ବିଭାଗର ସମନ୍ୱୟ ଅଭାବରୁ କାର୍ଯ୍ୟ ଅଗ୍ରସର ହୋଇପାରୁନାହିଁ । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷଙ୍କ ଧ୍ୟାନ ନାହିଁ । ଇଲେକ୍ଟ୍ରିକାଲ୍‌କୁ ଫୋନ୍ କଲେ ସିଭିଲ୍ ବିଭାଗ ଏଫ୍‌ଓଭି କାର୍ଯ୍ୟ ସମାପ୍ତ ପରେ କରିବୁ ଓ ସିଭିଲ୍ ବିଭାଗକୁ ଫୋନ୍ କଲେ କ୍ରେନ୍‌ର ସୁବିଧା ନାହିଁ ସେଥିପାଇଁ କାର୍ଯ୍ୟ ବିଳମ୍ବ ହେଉଛି ବୋଲି କହୁଛନ୍ତି । କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରେଳବାଇ ବିଭାଗ ନିଦାବିଷ୍ଟୁ ସାଜିଛି । ପୂର୍ବପରି ଚାଲୁଥିବା ବଲାଙ୍ଗିରରୁ ପୁନାକୁ ଏକ ସିଧାସଳଖ ଟ୍ରେନ୍ ଓ ଲିଫ୍ଟ କାର୍ଯ୍ୟ ଶିଘ୍ର ନହେଲେ ଉପଭୋକ୍ତା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାରେ ସ୍ଥିରୀକୃତ ହୋଇଛି । ଉକ୍ତ ସଭାରେ ସଂପାଦକ ଦିବାକର ହୋତା ଗତ ସଭାର ବିବରଣୀ ପାଠ କଲାପରେ ବରିଷ୍ଠ ସଦସ୍ୟ ପ୍ରଭାକର ମିଶ୍ର, ମନୋରଂଜନ ପୁରୋହିତ, ଉପ-ସଭାପତି ଅଶୋକ କୁମାର ମିଶ୍ର, ଯୁଧିଷ୍ଠିର ମିଶ୍ର, କୋଷାଧ୍ୟକ୍ଷ ଅଶୋକ କୁମାର ଚନ୍ଦ, ସହ-ସଂପାଦକ ହିତେଶ ସାହୁ ଓ ବିନୟ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ । ବରିଷ୍ଠ ସଦସ୍ୟ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାର୍ଚ୍ଚ ୨ରେ ରାଇଘରରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ନୂତନ ଜଗନ୍ନାଥ ମନ୍ଦିର ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ଦିନ ପ୍ରତିଷ୍ଠା ହେବାନେଇ ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ପାଞ୍ଚ ଦିନ ଧରି ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିଷ୍ପତି ନିଆଯାଇଛି । ଏଥି ନିମନ୍ତେ ନୂତନ ଭାବେ ନିର୍ମାଣ ହୋଇଥିବା ମନ୍ଦିରରେ ରଙ୍ଗ ଦେବା ସହ ପ୍ରସ୍ତୁତି ଜୋରଦାର୍ ଚାଲିଛି । ଏହି ଅବସରରେ ମନ୍ଦିର ପ୍ରତିଷ୍ଠା କମିଟି ଗଠନ କରାଯାଇଛି । ସର୍ବସମ୍ମତି କ୍ରମେ ପ୍ରଫୁଲ୍ଲ କୁମାର ଭୁୟା, ଉପସଭାପତି ଭାବେ ଅଜୟ ଦାସ, କିରଣ ପଟ୍ଟନାୟକ, ରତନ ଗଣ୍ଡ, ନହରୁ ଗଣ୍ଡ, ସଂପାଦକ ଭାବେ କମଲ ସିଂ ରାଜପୁତ୍, ସହ ସଂପାଦକ ରୂପେ ଭବାନୀ ନାୟକ, ଦଶରୁ ଗଣ୍ଡ ଓ କୋଷାଧକ୍ଷ ମୋହନ ସାହୁ ମନୋନୀତ ହୋଇଛନ୍ତି । ଏଥିସହ ମୁଖ୍ୟ ପରିଚାଳକ ଭାବେ ତହସିଲଦାର ରିତୁ ସିଂ, ବିଡିଓ ଲକ୍ଷ୍ମୀ ସାଗର ମାଝୀ ଓ ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରମୁଖ ଅଧିକାରୀ ରହିଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ଖେଦୁ ଝାଙ୍କର, ସହଦେବ ଗଣ୍ଡ, ସନ୍ତୋଷ ମହାପାତ୍ର, ବ୍ଲକ ଅଧକ୍ଷ ଗୁପ୍ତ ଝାର୍କ, ଲମ୍ବୋଦର ମାଝୀ, ସୁଦର୍ଶନ ମାଝୀ, ଶିବନାଥ ବାନାର୍ଜୀ, ଯତୀନ୍ଦ୍ର ଗଣ୍ଡ, ମାଲିସିଂ ପାତ୍ର, ନବି ସାନ୍ତା, ଘନଶ୍ୟାମ ଶର୍ମା, ଜୀବନ ଶାହା, କୌଶିକ ସାହୁ, ଅନନ୍ତ ବାରିକ, ସଂଗ୍ରାମ ବାରିକ, ପ୍ରିତମ ଗଣ୍ଡ, ରାଜେନ୍ଦ୍ର ଯାଦବ ପ୍ରମୁଖ ରହିଛନ୍ତି । ସେହିଭଳି ଭାସ୍କର ଦଣ୍ଡସେନା, ଶ୍ରୀହର୍ଷ ମହାପାତ୍ର, ଅଭିମନ୍ୟୁ ଡାକୁଆ, ମୁନା ସମରଥ, ସୁକେଶ ମିଶ୍ରା, ଧନେଶ ପ୍ରଧାନ, ମନୋହର ଦଣ୍ଡସେନା, ବିଷ୍ଣୁ ଗୌଡ଼, ବିକି ଶ୍ରୀବାସ୍ତବ, ଶରତ ବାରିକ, ଦିବାକର ନାୟକ, ମହେନ୍ଦ୍ର ରାଜପୁତ୍, ମୀନା ମାଝୀ, ପୁରୁଷୋତ୍ତମ ଶର୍ମା, ଦିଲୀପ ପାତ୍ର, ଜଗନ୍ନାଥ ଦୋରା, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହ କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି । ମାର୍ଚ୍ଚ ୨ ତାରିଖ ପ୍ରଥମ ଦିବସ ଦିନ ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ଅଧିବାସ,୩ ତାରିଖ ଦିନ ଇନ୍ଦ୍ରଇନ୍ଦ୍ରାଣୀ ପୂଜା, ହବନ, ଧାନ୍ୟା ଦିବାସ, ପଞ୍ଚଶସ୍ୟ, ପ୍ରକ୍ଷେଣ, ଇନ୍ଦ୍ର ଇନ୍ଦ୍ରାଣୀ ସ୍ଥାପନ, ରହିଧିବାସ, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଅଙ୍କୁରରୋପଣ ୭ ଘଣ୍ଟା ଠାରୁ ୯ ଘଣ୍ଟିକା ପର୍ଯ୍ୟନ୍ତ, ୪ ତାରିଖ ଦିନ ଜଳ ଯାତ୍ରା, ପଞ୍ଚକର୍ମ, ବ୍ରାହ୍ମଣକରଣ, ସୂର୍ଯ୍ୟପୂଜା, ଗୋପୂଜା, ଶାଳା ସଂସ୍କାର, ମଣ୍ଡଳ ପୂଜା, ଅଗ୍ନି ସଂସ୍କାର, ଆଳତୀ, ପୁଷ୍ପାଞ୍ଜଳି, ଶାନ୍ତିପାଠ, ସନ୍ଧ୍ୟା ୭ଟା ଠାରୁ ଅଖଣ୍ଡ ନାମ ସଂକୀର୍ତ୍ତନ ଅଷ୍ଟପ୍ରହର ଅନୁଷ୍ଠିତ ହେବ । ୫ ତାରିଖ ଦିନ ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପୂଜା, ଦେବତାଙ୍କ ଗାୟତ୍ରୀ ମନ୍ତ୍ରରେ ହବନ, ସଂପ୍ରାତ୍ୟ ଆର୍ଯ୍ୟ, ଭସ୍ମଗ୍ରହଣ, ଦେବତାଙ୍କ ମହାସ୍ନାନ, ଦେବତାଙ୍କ ଶୟନ, ନିଦ୍ର କଳସ ପୂଜା, ଆଳତୀ, ପୁଷ୍ପାଞ୍ଜଳି, ଶାନ୍ତିପାଠ ଓ ୬ ତାରିଖ ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ହବନ, ଦେବତାଙ୍କ ପ୍ରାଣ ପ୍ରତିଷ୍ଠା, ସିଂହାସନ ବିଜେ, ପୂର୍ଣ୍ଣାହୁତି, ଆଳତୀ ପୁଷ୍ପାଞ୍ଜଳି, ଶାନ୍ତିପାଠ, ମହାପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି । ମାର୍ଚ୍ଚ ୨ ତାରିଖରୁ ୬ ତାରିଖ ପଞ୍ଚଦିବସୀୟ କାର୍ଯ୍ୟକ୍ରମ ରହିଛି । ପୁରୀଧାମ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା ପୁରୋହିତ ଦ୍ୱାରା ଆଧାମିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଅନନ୍ତଗୋପାଳ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ମହାଯଜ୍ଞ



**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ମଉଦା ଗ୍ରାମରେ ଥିବା ଶ୍ରୀଶ୍ରୀ ଅନନ୍ତଗୋପାଳ ଆଶ୍ରମ (ଛୁଆବାବା ମଠ) ପରିସରରେ ନବନିର୍ମିତ ଅନନ୍ତଗୋପାଳଙ୍କ ମନ୍ଦିର ଓ ବିଗ୍ରହ ନ୍ୟାସ ଏବଂ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ସୋମବାର ଅଙ୍କୁରାରୋପଣ, ହୋଇଥିବା ବେଳେ ମଙ୍ଗଳବାର ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂଣ୍ୟତୋୟା ବିରୁପା ନଦୀର ତ୍ରିବେଣୀଶ୍ୱର ବାଲିପଡ଼ିଆ ଘାଟରୁ ୨୧୬ ଘଟ ଉତ୍ତୋଳନ କରାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା । ବୁଧବାର ଯଜ୍ଞାରମ୍ଭ, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନା କରାଯାଇଥିଲା । ଶୁକ୍ରବାର ଯଜ୍ଞ ଆହୁତି ପ୍ରଦାନ, ପ୍ରତିମା ନ୍ୟାସ, ପ୍ରାଣ ପ୍ରତିଷ୍ଠା, ମହାଧ୍ୱଜ ଉତ୍ତୋଳନ, ନବଯୌବନ ଦର୍ଶନ ସହ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଗୁରୁବାର ସିଦ୍ଧଗିରି ମଠର ବାବାଜୀ ବିଶ୍ୱନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧୁ ସମ୍ମିଳନୀରେ ବାବାଜୀ ପରମାନନ୍ଦ ଦାସ, ବାବାଜୀ ନୀଳାମ୍ବର ଦାସ, ବାବାଜୀ ଲକ୍ଷ୍ମୀଧର ଦାସ, ନିତ୍ୟାନନ୍ଦ ଦାସ, ଶ୍ରୀମନ୍ଦିର ମୁକ୍ତିମଣ୍ଡପର ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, କଥା ବାଚକ ଦିବାକର ଦାସ ମହାରାଜ ବ୍ରହ୍ମଚାରୀ ରବିନ୍ଦ୍ର ଘଡେଇ, ନେମାଳ ପଦ୍ମବନ ପୀଠ ମହନ୍ତ ଗଗନାନନ୍ଦ ଦାସ ଗୋସ୍ୱାମୀ, ଓଲାଶୁଣୀ ପୀଠ ମହନ୍ତ ଡ. ନାମାନନ୍ଦ ଦାସ ଗୋସ୍ୱାମୀ, ନରହରି ଦାସ, ସକଳାନନ୍ଦ ଦାସ, ଧ୍ୟାନକୁଦ ମଠର ମହନ୍ତ ଅରକ୍ଷିତ ଦାସ, ବୃନ୍ଦାବନ ଦାସ, ନିମାନନ୍ଦ ଦାସ, ଗଙ୍ଗାଧର ଦାସ, ରାସେଶ୍ୱରୀ ମାଆ, ପଣ୍ଡିତ ଗୌତମ ମହାରଣା ପ୍ରମୁଖ ଯୋଗଦେଇ ହିନ୍ଦୁ ଧର୍ମର ସୁରକ୍ଷା ଗୋମାତା ରକ୍ଷା ସମ୍ପର୍କରେ ଦିବ୍ୟବାଣୀ ପ୍ରଦାନ କରିଥିଲେ । ଅନନ୍ତଗୋପାଳ ଆଶ୍ରମର ଛୁଆବାବା କମଳାକାନ୍ତ ଦାସ ମହାରାଜଙ୍କ ତ□ାବଧାନରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞକୁ ପଣ୍ଡିତ ବିଜୟ କୁମାର ଶତପଥି, ତପନ କୁମାର ଦାଶ, ବିଚିତ୍ର କୁମାର ଶତପଥି, କଳ୍ପତରୁ ମିଶ୍ର, ବିମଳ କୁମାର ଶତପଥି, ଅଜିତ କୁମାର ପଣ୍ଡା, ପ୍ରକାଶ ଚନ୍ଦ୍ର ମିଶ୍ର, ଦାଶରଥି ଦାଶ ପ୍ରମୁଖ ପରିଚାଳନା କରିଥିଲେ । ବିଭିନ୍ନ ଦିବସରେ କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ ଓ ଶ୍ରୀଶ୍ରୀ ଅମୃତାନନ୍ଦ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ । ଶେଷ ଦିନ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ସୁବାସ ଦାସ, ଶୈଳଭାମା ମହାପାତ୍ର, ସାନୁ ମଲ୍ଲିକ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଲକ୍ଷାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ସହ ଦିବ୍ୟବାଣୀ ଶ୍ରବଣ ଓ ପ୍ରସାଦ ସେବନ କରିଥିଲେ ।

# ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ବିଜେପିର ସ୍ୱଚ୍ଛ ଭାରତ ଅଭିଯାନ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଜାତିର ଜନକ ମହାତ୍ମା ଗାନ୍ଧୀଜୀଙ୍କ ପୁଣ୍ୟତିଥି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ରାଉରକେଲାର ସେକ୍ଟର ୩ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ଓ ତତ୍ ସଂଲଗ୍ନ ପରିସରରେ ବିଜେପି ଜିଲ୍ଲା ତରଫରୁ କରାଯାଇଥିଲା । ରଘୁନାଥପଲ୍ଲୀ ବିଧାୟକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପହଞ୍ଚିଥିଲେ । ସେ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ସର୍ବପ୍ରଥମେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରି, ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ତତ୍‌ପରେ ସେ ଝାଡୁ ଧରି କର୍ମୀଙ୍କ ସହ ସଫେଇ କାର୍ଯ୍ୟ କରିବା ସହିତ ପାଣି ଢାଳି ମଣ୍ଡପକୁ ଧୋଇଥିଲେ । ଶ୍ରୀ ତନ୍ତୀ ସ୍ୱଚ୍ଛତା ଅଭିଯାନ ଉପରେ ଜନ ସଚେତନା କରିବା ସହିତ ସମସ୍ତେ ନିଜର ପାରିପାର୍ଶ୍ୱିକକୁ ସଫା ସୁତୁରା ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବାକୁ ହେଲେ ଆମେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଥିଲେ । ଏହାପରେ ବିଧାୟକ ଦୁର୍ଗା ଚରଣ ତନ୍ତୀ ଆମ୍ବଗାନ ସ୍ଥିତ ମହାତ୍ମା ଗାନ୍ଧୀ ଉଦ୍ୟାନରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେ କର୍ମୀଙ୍କ ସହିତ ମିଶି ଝାଡୁ ଧରି ସଫେଇ କାର୍ଯ୍ୟ ସେହି ଉଦ୍ୟାନ ପରିସର ଓ ମୁଖଦ୍ୱାରରେ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ଆଲୋକ ନାୟକ, ଅଜୟ କଂସାରୀ, ଅକ୍ଷୟ କୁମାର ଦାଶ, ପ୍ରଫୁଲ କୁମାର ମିଶ୍ର, ମନୋରଞ୍ଜନ ମୁନି, ସୁଶିଲ ସେଠି, ରଞ୍ଜିତା କିସ୍ ପଟ୍ଟା, ମମତା ମହାନ୍ତି, ପ୍ରତିମା ରାଉତ, ସନ୍ତୋଷ ବିରାଟ, ପ୍ରଦୀପ ପଟ୍ଟନାୟକ, ଗୌତମ ଡୁଙ୍ଗୁରି, ପ୍ରଭାସିନୀ ଡୁଙ୍ଗୁରୁ, ଗୌତମ ବାଡ଼ା, ପ୍ରସାଦିନ ମଲ୍ଲିକ, ମନୋଜ ପଟ୍ଟନାୟକ, ନିନରାନୀ ଜେନା, ମନୋଜ ସାହୁ, ସୁଦାମ ସାହୁ , ସବିନା ମହାନ୍ତ, ସୁରଭି ମଲ୍ଲିକ, ଟିକେଶ୍ୱର୍ ତାଣ୍ଡିଆ, ସଂଗୀତା ଏକ୍କା, ରାଜେନ୍ଦ୍ର ପଟ୍ଟନାୟକ, ଦୀପା ସାହୁ, ଲତା ପଟ୍ଟନାୟକ, ଚଞ୍ଚଳାଙ୍କ ସମେତ ଶତାଧିକ ଅଂଶ ଗ୍ରହଣ କରିଥିଲେ ।

# ସୁରକ୍ଷା କର୍ମୀଙ୍କ ଛୁରାମାଡ଼ ଗୁଜବ୍‌କୁ ଟାଟା ଷ୍ଟିଲ୍‌ର ଖଣ୍ଡନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାବାସୀଙ୍କ ସହ ଟାଟା ଷ୍ଟିଲ୍‌ର ୧୦୦ ବର୍ଷରୁ ଅଧିକ ବର୍ଷର ସମ୍ପର୍କ ରହିଛି । ଏହାର ସଫଳତା ଏବଂ ଭବିଷ୍ୟତର ଅଭିବୃଦ୍ଧି ଆକାଂକ୍ଷା ସ୍ଥାନୀୟ ଲୋକମାନଙ୍କ ସମର୍ଥନ ପାଇଁ ମିଳିପାରିଛି । ଗତ ୧୦ ବର୍ଷ ମଧ୍ୟରେ ଆମେ ଓଡ଼ିଶାରେ ପ୍ରାୟ ୧,୦୦,୦୦୦ କୋଟି ଟଙ୍କା ବିନିଯୋଗ କରିଛୁ । ଯେଉଁଠାରେ କି ଆମର ଖଣି କାର୍ଯ୍ୟ ଏବଂ ଗ୍ରୀନ୍‌ଫିଲ୍ଡ କଳିଙ୍ଗନଗର କାରଖାନା ସହିତ ଅଧିଗ୍ରହଣ ମାଧ୍ୟମରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଏବଂ ଭୂଷଣ ଷ୍ଟିଲ୍ ଆଦି ତିନଟି ଉତ୍ପାଦନ କାରଖାନା ଅଛି । ଜାନୁଆରୀ ୨୮ରେ ଯେତେବେଳେ କିଛି ବ୍ୟକ୍ତି ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) କାରଖାନା ଯାହାକି ଟାଟା ଷ୍ଟିଲ୍‌ର ସହାୟକ ସଂସ୍ଥା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ସେତେବେଳେ ଆମେ ଅତ୍ୟନ୍ତ ବ୍ୟସ୍ତ ହୋଇପଡ଼ିଥିଲୁ । ଆମ ସୁରକ୍ଷା କର୍ମୀଙ୍କ ଦଳ ଏଥିରେ ହସ୍ତକ୍ଷେପ କରିଥିଲେ । ଯାହାଫଳରେ ଧସ୍ତାଧସ୍ତି ହୋଇଥିଲା ଏବଂ କିଛି ଲୋକ ଏଥିରେ ଆହତ ହୋଇଥିଲେ । ଆମର କୌଣସି ସୁରକ୍ଷାକର୍ମୀ କାହାକୁ ଛୁରାମାଡ଼ କରିଥିବା ଘଟଣାର ଯେଉଁ ଗୁଜବ ପ୍ରକାଶ ପାଉଛି ତାହାକୁ ଆମେ ଦୃଢ଼ ଭାବେ ଖଣ୍ଡନ କରୁଛୁ । ଏହା ସମ୍ପୂର୍ଣ୍ଣ ମିଥ୍ୟା ରିପୋର୍ଟ । ଟାଟା ଷ୍ଟିଲ୍ ସର୍ବଦା ସମସ୍ତ ସରକାରୀ ନିୟମ ଏବଂ ନିର୍ଦ୍ଦେଶାବଳୀକୁ ପାଳନ କରିଆସିଛି ।

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥର୍ମାଲ୍ ରୋଡ଼ ସ୍ଥିତ ଏବିଏସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ମ୍ୟାଟ୍ରିକ୍ ପରୀକ୍ଷାର୍ଥୀ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଅଧକ୍ଷ ବି.ବି. ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ୍ ପରିଚାଳକ ମନୋଜ କୁମାର ବିଷୋଇ, ସବିତା ଲେଙ୍କା, ଅରମିଷ୍ଟା ଦାସ, ବିଚିତ୍ର କୁମାର ଖୁଣ୍ଟିଆ, ଚନ୍ଦ୍ର ଶେଖର ଦାସ, ଶୁଭଶ୍ରୀ ରାଉତ, ସସ୍ମିତ ମହାନ୍ତି, ଡି. ହେମଲତା, ଆଞ୍ଚଲ୍ ପାଲ୍, ଗୌରବ ଦାସ ଓ କୃପାସିନ୍ଧୁ ସାମଲ୍ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଅର୍ଶୀବଚନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ଥିଲେ ।

# ସିପାଞ୍ଜିରି ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ସିପାଞ୍ଜିରି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ପରିପୋଷଣୀୟ ଜୀବନଶୈଳୀ ବିଷୟବସ୍ତୁ ଉପରେ ଆଧାରିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବନ ବିଭାଗ ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଉଦ୍ୟାନବିତ ବିଭୂତିଭୂଷଣ ବିଶ୍ୱାଳ ଓ ବୁଡାଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ପରିପୋଷଣୀୟ ଜୀବନଶୈଳୀ ଓ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱରମାଝୀ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଚାରକ ଭାବେ ସ୍ଥାନୀୟ ବନପାଳ ପ୍ରଭାତ କୁମାର ଦୋରା, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ସ୍ୱାଇଁ ଓ ବିଜ୍ଞାନ ଶିକ୍ଷକ ଅସିତ୍ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ତିନୋଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ□ା ଶିକ୍ଷକ ବେଣୁଧର ପ୍ରଧାନ, ପଦ୍ମଲୋଚନ ପଣ୍ଡା, ଶିଶିର କାନ୍ତ ପଣ୍ଡା, ଅମରେନ୍ଦ୍ର ପ୍ରଧାନ, ରଜନୀକାନ୍ତ ସାହୁ ଏବଂ ସିଆର୍‌ସିସି ସରୋଜ କୁମାର ନାହକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# କୋର୍ଟ ପରିସରରେ ମଞ୍ଚସ୍ଥ ନାଟକ 'ବିଚାର କରିବ ଉପରବାଲା'

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ମଞ୍ଚସ୍ଥ ନାଟକ ବିଚାର କରିବ ଉପରବାଲା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ବିଶ୍ୱଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମଞ୍ଚସ୍ଥ ନାଟକରେ ଜିଲ୍ଲା ଓକିଲ ସଂଘ ଓ ପାରାଲିଗାଲ୍ ସ୍ୱେଚ୍ଛାସେବୀମାନେ ଅଭିନୟ କରିଛନ୍ତି । ଜନସାଧାରଣଙ୍କୁ ସଚେତନ କରିବା ପାଇଁ କଳୁଷିତ ହୋଇଥିବା ଅନ୍ୟାୟ ବିରୋଧରେ କିପରି ଜଣେ ସାଧାରଣ ନାଗରିକ ନ୍ୟାୟ ଓ ଅନ୍ୟାୟର ମୁକାବିଲା କରି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ନ୍ୟାୟ ପାଇପାରିବ । ଏହି ନାଟକରେ ସଚେତନ କରାଯାଇଥିଲା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ଏହାକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଓକିଲ ସଂଘର ସମସ୍ତ ଓକିଲ, କୋର୍ଟର ବିଚାରପତି ଓ ପାରାଲିଗାଲ୍ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ଏହି ନାଟକରେ ପ୍ରଭାତ କୁମାର ପ୍ରଧାନ, ସ୍ମୃତି ରଞ୍ଜନ ସିଂହ, ଶାଶ୍ୱତ ନିର୍ମଳ ଦାସ, ପ୍ରଦିପ ଗୋଛାୟତ, ସୁଭଦ୍ରା ରାୟ ପ୍ରମୁଖ ଅଭିନୟ କରିଥିଲେ ।

# ମହାରାଜା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ପାଳିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ପିଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣି ସଭାରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଆଶୀଷ ରଂଜନ ରଥ ଅଧକ୍ଷତା କରିଥିବା ବେଳେ ଏଥିରେ ସୁବର୍ଣ୍ଣପୁର ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ ମୁଖ୍ୟ ଅତିଥି, ପୁରାତନ ଛାତ୍ର ସଂଘ ତଥା ମୋ ସ୍କୁଲ୍ ଅଭିଯାନ ସଭାପତି ଗୋରେଖନାଥ ସାହୁ ଏବଂ ସ୍କୁଲ୍ ପରିଚାଳନା ସମିତି ଅଧକ୍ଷା ଅଳକାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବକ୍ତାମାନେ ଛାତ୍ର, ଶିକ୍ଷକ ଓ ଅଭିଭାବକ ସମ୍ମିଳିତ ଭାବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣର ମାନ ଉନ୍ନତ କରିବା ପାଇଁ ଅନୁରୋଧ କରିଥିଲେ । ଜାତୀୟ ସ୍ତରରେ ୩୦୦୦ ମିଟର ଲମ୍ବା ଦୌଡରେ ଜୁଲେଶ ନନ୍ଦ, ଯୋଗ ପ୍ରତିଯୋଗୀତାରେ ପ୍ରକାଶ ମେହେରଙ୍କୁ ପୁରସ୍କୃତ କରାଯିବା ସହ ବିଶ୍ୱଜିତ୍ ନନ୍ଦ ଓ ଚନ୍ଦନ ମୁଣ୍ଡାଙ୍କୁ ଖେଳକୁଦ ଚମ୍ପିୟନ୍, ଲାଲ କୁର୍ତ୍ତା ଗଙ୍ଗା ଦଳକୁ ଶ୍ରେଷ୍ଠ ବାଦ୍ୟ ସକାଶେ ଏବଂ ଅଭିମନ୍ୟୁ ମେହେର ତଥା ସୁଜନ ସାହୁଙ୍କୁ ଶ୍ରେଷ୍ଠ ଅଭିନୟ ପାଇଁ ପୁରସ୍କୃତ କରାଯାଇଥିଲା ।

## ସଡ଼କ ସୁରକ୍ଷା ଅଭିଯାନ ଉଦ୍‌ଯାପିତ

# ଟ୍ରାଫିକ୍ ନିୟମର ଅନୁପାଳନ ଦ୍ୱାରା ଦୁର୍ଘଟଣା ହ୍ରାସ ପାଇବ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାନୁଆରୀ ମାସ ବ୍ୟାପୀ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ମାସ ଅଭିଯାନ ଉଦ୍‌ଯାପିତ ହୋଇଛି । ଏହି ଅବସରରେ କେନ୍ଦୁଝର ସ୍ଥିତ ଅଡିଟୋରିୟମ୍ ଠାରେ ଜିଲ୍ଲାସ୍ତରୀୟ ସମାପନ ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଓ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ଉପସ୍ଥିତ ରହି ସଡ଼କ ସୁରକ୍ଷା ନିୟମାବଳୀର ଆବଶ୍ୟକତା ବାବଦରେ ଆଲୋକପାତ କରିଥିଲେ । ସଚେତନତା ମାଧ୍ୟମରେ ଟ୍ରାଫିକ୍ ନିୟମର ଉପଯୁକ୍ତ ଅନୁପାଳନ ଦ୍ୱାରା ହିଁ ସଡ଼କ ଦୁର୍ଘଟଣାକୁ ହ୍ରାସ କରାଯାଇ ଧନଜୀବନର ସୁରକ୍ଷା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବବର୍ଷ ତୁଳନାରେ ଜିଲ୍ଲାରେ ଦୁର୍ଘଟଣାଜନିତ ମୃତାହତ ସଂଖ୍ୟା ହ୍ରାସ ପାଇଥିବାରୁ ଉପସ୍ଥିତ ଅତିଥି ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ସଚେତନଧର୍ମୀ କଣ୍ଢେଇ ନୃତ୍ୟ, ଗୀତିନାଟ୍ୟ, ନାଟକ ଏବଂ ନୃତ୍ୟ ପରିବେଷିତ ହେବା ସହିତ ଟ୍ରାଫିକ୍ ପୋଲିସ କର୍ମଚାରୀ, ସ୍ୱେଚ୍ଛାସେବୀ, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ ଦୀର୍ଘ ଏକ ମାସ ଧରି ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତାକୁ ବ୍ୟାପକ କରି ଟ୍ରାଫିକ୍ ନିୟମର ଅନୁପାଳନକୁ ଲୋକଙ୍କ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଜିଲ୍ଲାବ୍ୟାପୀ ପୋଷ୍ଟର, ଦୃଶ୍ୟଶ୍ରାବ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ, ରକ୍ତଦାନ ଶିବିର, ପଦଯାତ୍ରା, ସାଇକେଲ୍ ଯାତ୍ରା, ଗାଡିଚାଳକଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।



# କେନ୍ଦ୍ରାପଡ଼ାରେ ଖୋଲିଲା ବାଣିଜ୍ୟିକ କୋର୍ଟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲା ପାଇଁ କେନ୍ଦ୍ରାପଡା କୋର୍ଟ ପରିସରରେ ବାଣିଜ୍ୟିକ କୋର୍ଟ ବୁଧବାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଖୋଲାଯାଇଛି । ଏହାକୁ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏଥିରେ ବାଣିଜ୍ୟ ସଂପର୍କିତ ମାମଲା ଗୁଡିକ ସମାଧାନ କରାଯିବ । ବ୍ୟାଙ୍କ ମାମଲା ଗୁଡିକ ଯଥା ମନିସୁଟ, ଆରବଷ୍ଟ୍ରେସନ୍ ପ୍ରଭୃତି ମାମଲା ଗୁଡିକ ଏହି ୨ଟି ଜିଲ୍ଲାର ଏହି କୋର୍ଟରେ ସମାଧାନ କରାଯିବ । ଦୀର୍ଘଦିନରୁ ପଡି ରହୁଥିବା ମାମଲା ଗୁଡିକ ୨ଟି ଜିଲ୍ଲାର ଏହି କୋର୍ଟରେ ସମାଧାନ କରାଯିବ ବୋଲି ଜିଲ୍ଲା ଓ ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ପ୍ରକାଶ କରିଛନ୍ତି । ଚିନ୍ମୟୀ ଜେନା ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି । ଏହି କୋର୍ଟ ଖୋଲିବା ସମୟରେ ବିଚାରପତି ଶ୍ରୀ ମହାନ୍ତିଙ୍କ ସମେତ କୋର୍ଟ ରେଜିଷ୍ଟ୍ରାର୍ ରମାଦେବୀ ସୋରେନ୍, ଅଇନ୍‌ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଓକିଲ ସଂଘ ସଭାପତି ଧ୍ରୁବ ଚରଣ ଜେନାଙ୍କ ସମେତ ସମସ୍ତ ବିଚାରପତି, କୋର୍ଟ କର୍ମଚାରୀ ଆଇନ୍‌ଜୀବୀ ଉପସ୍ଥିତ ଥିଲେ ।

# ବାରବାଟୀ ଦିନିକିଆ ପାଇଁ ଅଫଲାଇନ୍ ଟିକେଟ ବିକ୍ରି ଆରମ୍ଭ : ପିଚ୍ ନିରୀକ୍ଷଣ କଲେ କ୍ୟୁରେଟର




**କଟକ, ନ୍ୟୁଜ୍‌ବ୍ୟୁରୋ**

ସୋମବାରଠୁ ଆରମ୍ଭ ହୋଇଛି ବାରବାଟୀ ଦିନିକିଆ ପାଇଁ ଅଫ୍‌ଲାଇନ୍ ଟିକେଟ ବିକ୍ରି । ସୋମବାର ଓସିଏ ଅନୁବନ୍ଧିତ କ୍ଲବ, ସ୍କୁଲ, କଲେଜ, ସଙ୍ଗଠନ ସହ କିଛି ଖେଳାଳିଙ୍କ ପାଇଁ ଓସିଏ ତରଫରୁ ଟିକେଟ ବିକ୍ରି ଆରମ୍ଭ ହୋଇଛି । ପ୍ରାୟ ୭୩ଟି ଅନୁବନ୍ଧିତ ସଂସ୍ଥାକୁ ଆଠରୁ ଦଶ ହଜାର ଟିକେଟ ବିକ୍ରି ହେବ । ଦୁଇ ଦିନ ଧରି ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଏହି ଟିକେଟ ବିକ୍ରି ଚାଲିବ ।

ସେପଟେ ବାରବାଟୀ ଦିନିକିଆ ପାଇଁ ପିଚ୍ ଓ ଫିଲ୍ଡ ସମ୍ପୂର୍ଣ୍ଣ ପ୍ରସ୍ତୁତ ସରିଲାଣି । ଓସିଏ ପକ୍ଷରୁ ବାରବାଟୀରେ ଦୁଇଟି ପିଚ୍ ପ୍ରସ୍ତୁତ କରାଯାଇଛି । ଗୋଟିଏ ପିଚ୍ କଳାହାଣ୍ଡିର କଳାମାଟିରେ ତିଆରି ହୋଇଥିବା ବେଳେ ଅନ୍ୟ ପିଚ୍‌ଟି ମୁମ୍ବାଇରୁ ଅଣାଯାଇଥିବା ନାଲି ମାଟିରେ ପ୍ରସ୍ତୁତ କରାଯାଇଛି । ସୋମବାର ମୁମ୍ବାଇରୁ ଆସିଥିବା ସହକାରୀ ମୁଖ୍ୟ କ୍ୟୁରେଟର ବାରବାଟୀ ପିଚ୍ ନିରୀକ୍ଷଣ କରିଛନ୍ତି । ତେବେ ୯ତାରିଖରେ ହେବାକୁ ଥିବା ଦିବାରାତ୍ର ଦିନିକିଆ କେଉଁ ପିଚ୍‌ରେ ଖେଳାଯିବ, ସେ ନେଇ ମ୍ୟାଚ୍ ରେଫରୀ ହିଁ ଶେଷ ନିଷ୍ପତ୍ତି ନେବେ ବୋଲି ଓସିଏ ପକ୍ଷରୁ କୁହାଯାଇଛି ।

ରବିବାରଠୁ ସାଧାରଣ ଦର୍ଶକଙ୍କ ପାଇଁ ଆରମ୍ଭ ହୋଇଥିବା ଅନ୍ ଲାଇନ ଟିକେଟ ବିକ୍ରି ଆରମ୍ଭ ହୋଇଛି । ତେବେ ନ୍ୟୁ ପାଭିଲିୟନ ଟିକେଟ ବ୍ୟତୀତ ମାତ୍ର ଦୁଇ ଘଣ୍ଟା ଭିତରେ ସବୁ ଟିକେଟ ବିକ୍ରି ହୋଇଯାଇଥିଲା । ଆସନ୍ତା ୫ ଓ ୬ ତାରିଖରେ ସାଧାରଣ ଦର୍ଶକଙ୍କ ପାଇଁ ଅଫଲାଇନ ଟିକେଟ ବିକ୍ରି କରାଯିବ ।

# ଖେଳାଳିଙ୍କ ପାଇଁ ୫କୋଟି ଟଙ୍କାର ପୁରସ୍କାର ଘୋଷଣା କଲା ବିସିସିଆଇ

**ନୂଆଦିଲ୍ଲୀ**




ଭାରତ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ ଟାଇଟଲ ଜିତିଛି । ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ଉଇକେଟରେ ପରାସ୍ତ କରି ଟିମ୍ ଇଣ୍ଡିଆ ଇତିହାସ ରଚିଛି । ପ୍ରାୟ ୭ ମାସ ପୂର୍ବେ, ଭାରତର ପୁରୁଷ ସିନିୟର ଦଳ ୨୦୨୪ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲା । ଏବେ ବିସିସିଆଇ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳର ପୁରସ୍କାର ରାଶି ଘୋଷଣା କରିଛି । ଏହି ବିଜୟ ଭାରତୀୟ ଦଳ ପାଇଁ ମଧ୍ୟ ସ୍ୱତନ୍ତ୍ର ଥିଲା କାରଣ ସମଗ୍ର ବିଶ୍ୱକପ ଟୁର୍ଣ୍ଣାମେଣ୍ଟରେ କେହି ତାକୁ ପରାସ୍ତ କରିପାରି ନ ଥିଲେ । ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଭାରତର ବିଜୟୀ ଦଳ ପାଇଁ ୫ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି ।

ବିସିସିଆଇ ଏ ସମ୍ପର୍କରେ ଏକ ବିବୃତ୍ତି ଜାରି କରି କହିଛି, ବିସିସିଆଇ ଭାରତର ୧୯ ବର୍ଷରୁ କମ୍ ମହିଳା ଦଳକୁ ଲଗାତାର ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଜିତିବା ପାଇଁ ଅଭିନନ୍ଦନ ଜଣାଉଛି । ଏହି ଐତିହାସିକ ସଫଳତାକୁ ସମ୍ମାନ ଜଣାଇ, ବିସିସିଆଇ ବିଜୟୀ ଦଳକୁ ୫ କୋଟି ଟଙ୍କା ଏବଂ ସମର୍ଥନ ପ୍ରଦାନ କରିଛି । ଏହି ଟୁର୍ଣ୍ଣାମେଣ୍ଟ ଭାରତୀୟ ମହିଳା ୧୯ ବର୍ଷରୁ କମ୍ ଦଳ ପାଇଁ ବହୁତ ସ୍ମରଣୀୟ ଥିଲା । ପୂର୍ବରୁ, ଗ୍ରୁପ୍ ଏରେ ଥିବା ବେଳେ ଏହା ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଏବଂ ଆୟୋଜକ ମାଲେସିଆକୁ ମଧ୍ୟ ପରାସ୍ତ କରିଥିଲା । ଭାରତୀୟ ଦଳ ତା'ର ତିନୋଟି ମ୍ୟାଚ୍ ଜିତି ଗ୍ରୁପ୍ ପର୍ଯ୍ୟାୟରେ ଶୀର୍ଷରେ ରହିଥିଲା । ଯେତେବେଳେ ସୁପର-୬ ପର୍ଯ୍ୟାୟର ପାଳି ଆସିଥିଲା, ଟିମ ଇଣ୍ଡିଆ ପୁଣିଥରେ ଚାରୋଟି ମ୍ୟାଚ୍ ଜିତି ଗ୍ରୁପ ଶୀର୍ଷରେ ପହଞ୍ଚିଥିଲା । ସେମିଫାଇନାଲରେ ଭାରତ ଇଂଲଣ୍ଡକୁ ୯ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ଏବଂ ତା'ପରେ ଫାଇନାଲ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ୯ ଉଇକେଟରେ ପରାସ୍ତ କରି ଟାଇଟଲ ଜିତିଥିଲା ।

ସୂଚନାଯୋଗ୍ୟ, ୨୦୨୩ ମସିହାରେ ପ୍ରଥମ ଥର ପାଇଁ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ ଆୟୋଜନ କରାଯାଇଥିଲା । ୨ ବର୍ଷ ପୂର୍ବେ ମଧ୍ୟ ଭାରତ ଟି-୨୦ ବିଶ୍ୱକପ ଜିତିଥିଲା । ୨୦୨୫ରେ, ଟିମ୍ ଇଣ୍ଡିଆ ତା'ର ଟାଇଟଲ ବଜାୟ ରଖିଛି ।

# ଜୋଫ୍ରା ଆର୍ଚରଙ୍କ ବୋଲିଂରେ ଭାଙ୍ଗିଗଲା ସଞ୍ଜୁଙ୍କ ଆଙ୍ଗୁଠି

**ନୂଆଦିଲ୍ଲୀ**

ଇଂଲଣ୍ଡ ଦଳର ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଭୟଙ୍କର ବୋଲିଂରେ ଭାରତୀୟ ଷ୍ଟାର ବ୍ୟାଟରଙ୍କ ଆଙ୍ଗୁଠି ଭାଙ୍ଗିଯାଇଛି । ରବିବାର ମୁମ୍ବାଇରେ ଖେଳାଯାଉଥିବା ମ୍ୟାଚ୍‌ରେ ଭାରତୀୟ ଦଳର ଷ୍ଟାର ଉଇକେଟ କିପର ସଞ୍ଜୁ ସାମସନଙ୍କ ମଝି ଆଙ୍ଗୁଠିରେ ଆଘାତ ଲାଗିଥିଲା । ଯେଉଁଥିପାଇଁ ସେ ଫିଲ୍ଡିଂ କରିବାକୁ ମଧ୍ୟ ଆସି ନ ଥିଲେ ।

ପିଟିଆଇ ରିପୋର୍ଟ ଅନୁଯାୟୀ ସଞ୍ଜୁଙ୍କ ଆଙ୍ଗୁଠି ଭାଙ୍ଗିଯାଇଛି । ଏହା ଠିକ୍ ହେବାକୁ ପ୍ରାୟ ଏକ ମାସ ସମୟ ଲାଗିପାରେ । ତେଣୁ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ କେରଳ ପାଇଁ ସେ ଖେଳି ପାରିବେ ନାହିଁ, ଯାହା ଜମ୍ମୁ ଏବଂ କଶ୍ମୀର ବିପକ୍ଷରେ ୮ ଫେବୃୟାରୀରୁ ୧୨ ଯାଏ ଖେଳାଯିବ । ଆଘାତରୁ ସୁସ୍ଥ ହେଲା ପରେ ତାଙ୍କୁ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ଟେଷ୍ଟ ଦେବାକୁ ପଡ଼ିବ । ଏଠାରୁ ଗ୍ରୀନ ସିଗ୍‌ନାଲ ମିଳିବା ପରେ ସେ ଆକ୍ସନକୁ ଫେରିବେ ।

ଏସବୁରୁ ଜଣାପଡୁଛି ଯେ, ସଞ୍ଜୁ ସିଧାସଳଖ ଆଇପିଏଲକୁ ଫେରିବେ । ଯେଉଁଠି ସେ ରାଜସ୍ଥାନ ରୟାଲ୍ସକୁ ପ୍ରତିନିଧିତ୍ୱ କରିବେ ।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବିଜୟୀ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୂଲ୍ୟରେ ଦ୍ୱାଦଶ ଦିବସ ଖେଳରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଇଗଲ କ୍ରିକେଟ କ୍ଲବ୍‌କୁ ୯ ୱିକେଟରେ ପରାସ୍ତ କରିଛି । ଟସ୍ ଜିତି ଇଗଲ ଦଳ ପ୍ରଥମେ ବ୍ୟାଟିଂ କରି ୩୨ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୩୩ ରନ କରିଥିଲେ । ଦଳ ପକ୍ଷରୁ ତିର୍ଥଙ୍କର ସାହୁ ୩୭ ରନ୍ ଓ ଆଦିତ୍ୟ ୨୮ ରନ୍ କରିଥିଲେ । ଅଭିଜିତ ମହାନ୍ତି ୫ ଟି ୱିକେଟ ନେଇଥିଲେ । ଜବାବରେ ଖୋର୍ଦ୍ଧା ଦଳ ୧୫.୧ ଓଭରରେ ଗୋଟିଏ ୱିକେଟ୍ ହରାଇ ଆବଶ୍ୟକ ୧୩୪ ରନ୍ କରିଥିଲେ । ଖୋର୍ଦ୍ଧା ପକ୍ଷରୁ ପ୍ରତ୍ୟୁଷ ମହାନ୍ତି ଅପରାଜିତା ୫୫ ରନ୍ ଓ ଧରଣୀଧର ସ୍ୱାଇଁ ଅପରାଜିତ ୫୧ ରନ ସଂଗ୍ରହ କରିଥିଲେ । ଖେଳକୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ । ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ଦେବ ପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ । ମଙ୍ଗଳବାର ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍ ବନାମ ରାଇଜିଂଷ୍ଟାର କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି ।

# ବ୍ଲୁ କ୍ଲବ୍ସ ଲିଗ୍ ଫୁଟବଲ୍ : ଗନ୍ଧଲପଦା ଓ ଯୋଡ଼ା ଚାମ୍ପିଅନ୍

**କେନ୍ଦୁଝର, ନ୍ୟୁଜ୍**




ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ଦ୍ୱାରା ସମର୍ଥିତ ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ବ୍ଲୁ କ୍ଲବ୍ସ ଲିଗ୍‌ର ଦ୍ୱିତୀୟ ସିଜନ୍‌ର ଗ୍ରାଣ୍ଡ୍ ଫାଇନାଲ, ଯୋଡ଼ାର କେନ୍ଦ୍ରୀୟ ପଡ଼ିଆଠାରେ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ଚିତ୍ତାକର୍ଷକ ପ୍ରତିଯୋଗିତାରେ ଉତ୍କର୍ଷ ଖେଳ ପ୍ରଦର୍ଶନ କରି ୧୦ ବର୍ଷରୁ କମ୍, ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଗନ୍ଧଲପଦା ଟିମ୍ ଚାମ୍ପିଅନ୍ ହୋଇଛି । ଯୋରିବଓର ଟିମ୍ ପ୍ରଥମ ଦୁଇଟିରେ ଉପ ବିଜେତା ହୋଇଥିବା ବେଳେ, ୧୪ ବର୍ଷରୁ କମ୍ ବର୍ଗରେ କଳମଙ୍ଗ ଦ୍ୱିତୀୟ ସ୍ଥାନ ହାସଲ କରିଛି । ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଯୋଡ଼ା ଚାମ୍ପିଅନ୍ ହୋଇଥିବା ବେଳେ ଯୋରିବଓର ଉପ ବିଜେତା ହୋଇଛି । ଏହି ଲିଗ୍‌ରେ କଳମଙ୍ଗ, ଗନ୍ଧଲପଦା, ବେଣୁଆପାଣି, ଯୋରିବଓର, ବିଛାକୁଣ୍ଡି ବାଳକ, ବିଛାକୁଣ୍ଡିର ବାଳିକା, ଆଜାଦ ବସ୍ତି ଓ ଯୋଡ଼ା ଭଳି ୮ଟି ସ୍ଥାନର ୨୧୦ ଫୁଟବଲ ଖେଳାଳି ଅଂଶଗ୍ରହଣ କରିଥିଲେ । ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶରେ ଖେଳ ଅନୁଷ୍ଠିତ ହୋଇଥିଲା ।

ଯୋରିବଓରଠାରେ ଅନୁଷ୍ଠିତ ଏହି ଲିଗ୍ ୨୦୨୫ ଜାନୁଆରୀ ୧୮ରେ ଆରମ୍ଭ ହୋଇଥିଲା ଓ ଜାନୁଆରୀ ୧୯ରେ ମ୍ୟାଚ୍ ପରେ ଜାନୁଆରୀ ୨୫ରେ ବିଛାକୁଣ୍ଡିରେ ମ୍ୟାଚ୍ ହୋଇଥିଲା । ଶେଷରେ ଯୋଡ଼ାରେ ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହୋଇଥିଲା । ଏହି ଲିଗ୍ ଯୁବ ଫୁଟବଲ୍ ଖେଳାଳିଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନର କରିବାର ଏକ ପ୍ରକୃଷ୍ଟ ସୁଯୋଗ ପ୍ରଦାନ କରିଥିଲା ଓ ସେମାନେ ମ୍ୟାଚ୍ ଖେଳିବାର ଅନୁଭବ ପାଇଥିଲେ ଯାହା କ୍ରୀଡ଼ା ମନୋଭାବକୁ ଦୃଢ଼ କରିଥିଲା । ଫାଇନାଲ୍ ମ୍ୟାଚ୍‌ରେ ଟାଟା ଷ୍ଟିଲ୍ ଯୋଡ଼ା ମୁଖ୍ୟ ରାଜେଶ କୁମାର ଅତିଥି ଭାବେ ଯୋଗ ଦେଇଥିବା ବେଳେ କାଉନ୍‌ସିଲର ସୌଦାମିନି ପାଣିଗ୍ରାହୀ, ରଶ୍ମିତା ପାଣିଗ୍ରାହୀ, ସୁମିତ୍ରା କାରୁଆ, ଶୁଭମ ନାୟକ, ପୂଜା ସିଂହ ଆଲ୍‌ଦା ଓ ବରୁଣ ଅପାଟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଯୁବ ଖେଳାଳିମାନଙ୍କୁ ସମ୍ବୋଧିତ କରି କହିଥିଲେ, ଭବିଷ୍ୟତ ପାଇଁ ଫୁଟବଲ୍ ଖେଳାଳି ସମୃଦ୍ଧ କରିବାକୁ ହେଲେ ତୃଣମୂଳସ୍ତରରୁ ପ୍ରସ୍ତୁତି ହେବା ଜରୁରୀ । କ୍ରୀଡ଼ା ଜରିଆରେ ଯୁବ ବିକାଶକୁ ସୁଦୃଢ଼ କରିବାରେ ଟାଟା ଷ୍ଟିଲ ଫାଉଣ୍ଡେସନର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ ।

ତୃଣମୂଳସ୍ତରର କ୍ରୀଡ଼ା ପ୍ରତିଭାକୁ ସୁଦୃଢ଼ କରିବା ଓ ପ୍ରତିଭାବାନ ଫୁଟବଲ ତାରକାଙ୍କୁ ସମୃଦ୍ଧ କରିବା ପାଇଁ ଟାଟା ଷ୍ଟିଲ୍ ପ୍ରତିବଦ୍ଧ ରହିଛି, ଯାହା ଏଭଳି ଲିଗ୍ ଜରିଆରେ ସାମଗ୍ରିକ ଗୋଷ୍ଠୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଉଛି ।

# ରାଧାକିଶୋରପୁର ପ୍ରିମିୟର ଲିଗ୍‌ର ଜର୍ସି ଓ ଟ୍ରଫି ଉନ୍ମୋଚିତ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼ର ଅଗ୍ରଣୀ କ୍ରିକେଟ କ୍ଲବ ରାଧକିଶୋରପୁର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ରାଧାକିଶୋରପୁର ପ୍ରିମିୟର ଲିଗ୍ (ଆରପିଏଲ) ୪ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ । ଆନୁଷ୍ଠାନିକ ଭାବେ କ୍ଲବ ପକ୍ଷରୁ ଲିଗ୍‌ର ଟ୍ରଫି ଏବଂ ଜର୍ସିକୁ ଉନ୍ମୋଚନ କରାଯାଇଛି । ଏହାସହିତ ଆଠଗଡ଼ର ଦୋରଡ଼ ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ କରି ବଡ଼ପଦା ଗ୍ରାମପଞ୍ଚାୟତର ବଛା ବଛା ୭୨ ଜଣ ଖେଳାଳିଙ୍କୁ ନେଇ ନିଲାମ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ନିଲମରେ ନାୟକ ରାଇଡର୍ସ, ଜାଗୁଆର, ଭିକିଂସୀ ୧୧, ମହାବୀର ଲାୟନ, ଜୀୟନ ଓ ପ୍ରାଚି ୱାରିୟର୍ସ ପ୍ରଭୃତି ୬ଟି ଦଳ ଭାଗ ନେଇ ନିଲାମ ଡାକିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତର ସମିତିସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁ ଏବଂ ଗ୍ରାମ ମୁରବୀ ଯୁଗଳ କିଶୋର ନାୟକ ପ୍ରମୁଖ ଯୋଗଦେଇ ଜର୍ସି ଓ ଟ୍ରଫି ଉନ୍ମୋଚନ କରିଥିଲେ । ଆସନ୍ତା ୧୫ ଓ ୧୬ ଦୁଇଦିନ ଧରି ହେବାକୁ ଥିବା ଏହି ଦିବାରାତ୍ର ମ୍ୟାଚ୍‌କୁ ଏସ୍‌କେଡି ରାଇସ୍, ଏପିସି ମାର୍ଟ, ପାୟଲ ଫେସନ, ଶ୍ରୀଗୁରୁ ମେଡ଼ିସିନ, ଶ୍ରୀ ଗଣେଶ ଏମ୍ପୋରିୟମ ଏବଂ ମୋନାଲିସ ଷ୍ଟୁଡ଼ିଓ ପ୍ରମୁଖ ସ୍ପୋନସର୍ କରୁଛନ୍ତି । ଏହାସହିତ ଏହି ଆରପିଏଲ କ୍ଲବ୍‌ର ସଭାପତି ବିଶ୍ୱରଂଜନ ନାୟକ ଉପ ସଭାପତି ସୁକାନ୍ତ କୁମାର ମାଝୀ, ସହ ସମ୍ପାଦକ ଅଭିଜିତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତା କିଶୋର ବେହେରା, ଅରବିନ୍ଦ ନାୟକ, ପ୍ରକାଶ ନାୟକ, ଦିବ୍ୟଜ୍ୟୋତି ବେହେରା ସାଗର ନାୟକ, ସୌମ୍ୟରଞ୍ଜନ ନାୟକ, ସୌମ୍ୟରଞ୍ଜନ ବେହେରା, ସୂର୍ଯ୍ୟରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ ।

# ଅଲ୍ ଇଣ୍ଡିଆ ଫୁଟବଲ୍ ପାଇଁ ରାମଧୁନ୍ କ୍ଲବ୍ ପକ୍ଷରୁ ଫ୍ରାଞ୍ଚାଇଜ୍ ମିଟ୍



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ହୋଟେଲ ମୁନ ଠାରେ ସୋନପୁର ରମଧୁନ କ୍ଲବ୍ ପକ୍ଷରୁ ୧୬ତମ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ଫ୍ରାଞ୍ଚାଇଜ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି । ୮ଟି ଫ୍ରାଞ୍ଚାଇଜମାନଙ୍କୁ ନେଇ ଅନୁଷ୍ଠିତ ଏହି ମିଟ୍‌ର ସଭା ମଞ୍ଚରେ କ୍ଲବ ଉପଦେଷ୍ଟା କଇରୁ ସ୍ୱାଇଁ, କ୍ରୀଡ଼ା ସଂଘ ଉପଦେଷ୍ଟା ଚିତ୍ତରଞ୍ଜନ ତରାସିଆ, କ୍ଲବ ସଦସ୍ୟ କମଳା ସାହୁ, ରାଜୀବ ସାହୁ, ପୀୟୂଷ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉପରେ ସବିଶେଷ ବିବରଣୀ ଦେଇଥିଲେ । ରାମଧୁନ କ୍ଲବ୍‌ର ସଦସ୍ୟ ବିକାଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥବା ବେଳେ ସଭା ପରିଚାଳନା କରିଥିଲେ । ସମସ୍ତ ପ୍ରାୟୋଜକଙ୍କୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୮ଟି ଟିମ୍‌କୁ ନେଇ ଏମାନଙ୍କ ମଧ୍ୟରେ ଲଟେରୀ ଉଠାଣ ସହିତ ଜର୍ସି ଉନ୍ମୋଚନ କରଯାଇଥିଲା । ୮ଟି ଫ୍ରାଞ୍ଚାଇଜ ମଧ୍ୟରେ ଚନ୍ଦ୍ରମା ମୋଟର୍ସ, ହୋତା ମୋଟର୍ସ, ସଂସ୍କାର ଏଗ୍ରୋ, ମହାନଦୀ ଧାରା, ବଗଳା ଜୁଏଲର୍ସ, ଶରଧା ଟେକ୍ନୋଲୋଜି, ଆଦିତି +୨ କଲେଜ ଏବଂ ନାଇସେଟ କମ୍ପ୍ୟୁଟର ପ୍ରମୁଖ ବିଭିନ୍ନ ଫୁଟବଲ୍ ଦଳକୁ ଚୟନ କରିଥିଲେ ।

# ସିକେ ନାୟୁଡୁ ଟ୍ରଫି: ଚଣ୍ଡିଗଡ଼ ବିପକ୍ଷରେ ଦୃଢ଼ ସ୍ଥିତିରେ ଓଡ଼ିଶା

**ସମ୍ବଲପୁର**

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାୟୁଡୁ ଟ୍ରଫି ମ୍ୟାଚ୍‌ରେ ଚଣ୍ଡିଗଡ଼ ବିପକ୍ଷରେ ଘରୋଇ ଓଡ଼ିଶା ମଜଭୁତ ସ୍ଥିତିରେ ପହଞ୍ଚିଛି । ଉଭୟ ଦଳର ଏହା ୭ମ ତଥା ଅନ୍ତିମ ଲିଗ୍ ମ୍ୟାଚ୍ । ଗ୍ରୁପ୍ 'ଏ'ର ଏହି ମ୍ୟାଚ୍‌ରେ ଚଣ୍ଡିଗଡ଼ ପ୍ରଥମ ଇନିଂସରେ ୧୩୭ ରନ୍‌କରି ଅଲ୍‌ଆଉଟ୍ ହେବା ପରେ ଓଡ଼ିଶା ପ୍ରଥମ ଇନିଂସରେ ୨୬୧ ରନ୍ କରି ଅଲ୍‌ଆଉଟ୍ ହୋଇ ୧୨୪ ରନ୍ ଆଗରେ ରହିଥିଲା । ପରେ ୨ୟ ଦିନ ଶେଷରେ ଚଣ୍ଡିଗଡ଼ ୨ୟ ଇନିଂସରେ ୭୭ ରନ୍ କରି ୩ଟି ୱିକେଟ୍ ହରାଇଛି । ୭ ୱିକେଟ୍ ବାକିଥାଇ ଚଣ୍ଡିଗଡ଼ ଏବେ ୪୭ ରନ୍ ପଛରେ ରହିଛି । ପ୍ରଥମ ଦିନ ଶେଷରେ ଓଡ଼ିଶା ୧ ୱିକେଟ୍‌ରେ ୧୧୯ ରନ୍ କରିଥିଲା । ଦୁଇ ଅପରାଜିତ ବ୍ୟାଟ୍‌ସମ୍ୟାନ୍ ପି. ଶଶାଙ୍କ ଓ ଓମ୍ ଟି. ମୁଣ୍ଡେ ୨ୟ ୱିକେଟ୍ ପାଇଁ ୧୧୪ ରନ୍ ଯୋଡ଼ି ଓଡ଼ିଶାକୁ ମଜ୍‌ଭୁତ ସ୍ଥିତିରେ ପହଞ୍ଚାଇଥିଲେ । ଶଶାଙ୍କ ୧୪ଟି ଚୌକା ସହ ୯୩ ରନ୍‌କରି ଆଉଟ୍ ହୋଇଥିଲେ । ଓମ୍ ଟି. ମୁଣ୍ଡେ ଗୋଟିଏ ଛକା ଓ ୪ଟି ଚୌକା ସହ ୬୮ ରନ୍‌କରି ଆଉଟ୍ ହୋଇଥିଲେ । ପରେ ସମ୍ବିତ ବରାଳ ଓ ଅଧିନାୟକ ସାୱନ ପାହାଡ଼ିଆ ୧୬ ରନ୍ ଲେଖାଏଁ କରିଥିବା ବେଳେ ବାଦଲ ବିଶ୍ୱାଳ ୨୨ ରନ୍‌କରି ଅପରାଜିତ ଥିଲେ । ଚଣ୍ଡିଗଡ଼ର ଯଶକିରତ ସିଂହ ମେହେରା ୫ଟି ଓ ଇଭରାଜ ରାନୌତା ୨ଟି ୱିକେଟ୍ ନେଇଥିଲେ । ଚଣ୍ଡିଗଡ଼ର ୨ୟ ଇନିଂସରେ ଦୀପେନ୍ଦର କୁଶ ୩୪, ଦେବାଙ୍ଗ କୌଶିକ ୧୭ ଓ ଅର୍ଣ୍ଣବ ବଂଶଲ ୫ ରନ୍‌କରି ଆଉଟ୍ ହୋଇଛନ୍ତି । ଓଡ଼ିଶାର ଆଶୁତୋଷ ଛୁରିଆ ୩ଟିଯାକ ୱିକେଟ୍ ନେଇଛନ୍ତି ।

# ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ବିସିଏ ଦଳ ମୟୂରଭଞ୍ଜ (ଏ)କୁ ୧୪୫ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ବିସିଏ ଦଳ ୪୦ ଓଭରରେ ୭ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରୋହନ ସାହୁ ୧୨୬ ଓ ଗମ୍ଭୀର ମହାନ୍ତ ୩୧ ରନ କରିଥିଲେ । ଉତ୍ତରରେ ମୟୂରଭଞ୍ଜ (ଏ) ୧୮.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୩ ରନ ସଂଗ୍ରହ କରିପାରିଥିଲା । ଦଳ ପକ୍ଷରୁ ଅଭିଷେକ ନାଏକ ୪୬ ରନ କରିଥିବାବେଳେ ବିପକ୍ଷ ଦଳର ଆୟୁଷ ଗିରି ୬ ଉଇକେଟ ଅକ୍ତିଆର କରିଥିଲେ । ରୋହନ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କ୍ରୀଡ଼ାବିତ୍ ପରେଶ ଚନ୍ଦ୍ର ମହାନ୍ତ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଓ ଫୁଟବଲ୍ ସହ ସମ୍ପାଦକ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ଥିଲେ । ମଙ୍ଗଳବାର ଡିଆରକେଏ ଓ ମୟୂରଭଞ୍ଜ ଗ୍ରୀନ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

A-1010

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
KHURDA IRRIGATION DIVISION, KHURDA
Dist: Khurda, Odisha - 752056
Tel/Fax: 06755-796308
Mail id:- eekhurdairrigationdivision@gmail.com

'e'-Procurement Notice No.KHD- 07 OF 2024-25, Dtd. 30.01.2025

1. Name of the work : 08 (eight) nos. of Civil Work
2. Tender Cost : Varies from Rs 12.80 Lakhs to Rs 41.11 Lakhs
3. Bid Document Cost : Rs 6000/-
4. Bid Security : Varies from Rs. 12,800/- to Rs 41,200/-
5. Class of Contractor : D & C & B
6. Period of Completion : 02, 03, & 12 calendar months
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 07-01 of 2024-25 to KHD 07-08 of 2024-25 | 04.02.2025 at 11.00 A.M | 13.02.2025 up to 5.00 P.M | 14.02.2025 at 11.00 A.M. |

8. e-mail Id eekhurdairrigationdivision@gmail.com
9. If required lottery may be held on 19.02.2025 at 11.00 AM

Further detail conditions can be seen from the Govt. website www.tendersodisha.gov.in

Sd/- Superintending Engineer
Khurda Irrigation Division, Khurda.

OIPR-32078/11/0007/2425

CAD-2464

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar-751010 (0disha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

Tender call Notice No. OCC/CWS/PROC/FAB-08/63/2024-25 dtd.03.02.2025.

Type of work : Labour charges for sand blasting and application of one coat primer of finished fabricated items of Kanupur Irrigation Project
Total No. of work : 01(One).
Period of supply : 01 (One) month.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document ( Off-line mode) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/FAB-08/63 / 2024-25 dtd.03.02.2025 | Rs.7080/- (Non-refundable) | 04.02.2025 10.00AM to 13.02.2025 1.00 PM | 04.02.2025 10.00AM to 13.02.2025 3.00 PM |

Date of opening of the Tender : 13.02.2025 at 4.00 P.M.
Further details can be seen from the website (www. odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/- Senior Manager (Mech.)-I
OCC Ltd., Bhubaneswar

OIPR-34163/11/0046/2425

# ନେତାଜୀଙ୍କ ନୀତି ଓ ନେତୃତ୍ୱ

**ରମେଶ ପ୍ରଧାନ**
**ବରିଷ୍ଠ ସାମ୍ବାଦିକ**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନୀତି ଓ ନେତୃତ୍ୱ ସମ୍ପର୍କରେ ଗବେଷଣାମୂଳକ ପୁସ୍ତକଟିଏ ଲେଖିଛନ୍ତି ଡକ୍ଟର ଶ୍ରୀଧର ଚରଣ ସାହୁ, ରେଭେନ୍ସା କନିଷ୍ଠ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ । ସେ ୧୯୮୦ ଦଶକରେ ସୁଭାଷ ଚନ୍ଦ୍ର ବୋଷଙ୍କ ରାଜନୈତିକ ଦର୍ଶନ ସଂପର୍କରେ ଗବେଷଣା କରୁଥିବାବେଳେ ତାଙ୍କର କେତେକ ଲେଖା ସମାଜ, ପ୍ରଜାତନ୍ତ୍ର, ପ୍ରଗତିବାଦୀ ଆଦି ପ୍ରତିଷ୍ଠିତ ସମ୍ବାଦପତ୍ର ଗୁଡ଼ିକରେ ପ୍ରକାଶ ପାଇଥିଲା । ସେହି ଲେଖାଗୁଡ଼ିକ ସହ ଆଉ କେତେକ ଅପ୍ରକାଶିତ ଲେଖାକୁ ସଂଯୋଜିତ କରି ଏହି ସଂକଳନଟି ପ୍ରକାଶ ପାଇଛି ।

ଓଡ଼ିଶା ମାଟିରେ ନେତାଜୀଙ୍କ ବ୍ୟକ୍ତିତ୍ୱଗଠନ, ଭାରତଛାଡ଼ ଆନ୍ଦୋଳନରେ ତାଙ୍କର ଭୂମିକା, ତାଙ୍କ ସ୍ୱପ୍ନର ଭାରତ ଏବଂ ରାଜନୈତିକ ଚିନ୍ତାଧାରା ଆଦି ବିଷୟରେ ସାରଗର୍ଭକ ଆଲୋଚନା କରାଯାଇଛି ଏହି ପୁସ୍ତକରେ । ନେତାଜୀଙ୍କ ସଂପର୍କରେ ବିଭିନ୍ନ ଦିଗରୁ ଆଲୋଚନା ଓ ସମାଲୋଚନାକୁ ଲେଖକ ନିରପେକ୍ଷଭାବେ ବିଶ୍ଳେଷଣ କରିବାର ଚେଷ୍ଟା ଏଥିରେ କରିଛନ୍ତି । ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଏକ ନିରବଚ୍ଛିନ୍ନ ଓ ସାଲିସବିହୀନ ସଂଗ୍ରାମର ପକ୍ଷପାତୀ ଥିଲେ ସୁଭାଷ ଚନ୍ଦ୍ର । କୌଣସି ବ୍ୟକ୍ତି, ଦେଶ ବା ଜାତି ଭିକ୍ଷା କରି ସ୍ୱାଧୀନତା ହାସଲ କରିପାରେନାହିଁ ବୋଲି ସେ ଦୃଢ଼ ମତପୋଷଣ କରୁଥିଲେ । 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'- ଏହା ଥିଲା ତାଙ୍କର ବଜ୍ରଗମ୍ଭୀର ପ୍ରାଣସ୍ପର୍ଶୀ ଆହ୍ୱାନ ।

ଆମର ସ୍ୱାଧୀନତା ପ୍ରାପ୍ତି ସଂପର୍କିତ ଦୃଷ୍ଟିକୋଣ ଭିନ୍ନ ଭିନ୍ନ ହୋଇପାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅକ୍ଷଶକ୍ତିମାନଙ୍କ ସହିତ ନେତାଜୀଙ୍କ ସହଯୋଗକୁ ଆମେ ସମାଲୋଚନା କରିପାରୁ କିନ୍ତୁ ନେତାଜୀ ଯେ ଫାସିବାଦୀ ଦର୍ଶନର ସମର୍ଥକ, ଏକଥା କହିବା ସତ୍ୟର ଅପଳାପ ବୋଲି ଲେଖକ କହିଛନ୍ତି । ନେତାଜୀଙ୍କୁ ଜଣେ ନ୍ୟାୟାଧୀଶ କିମ୍ବା ଆଇନର ଆଖିରେ ବିଚାର ନକରି ଯଦି ତାଙ୍କର ବ୍ୟକ୍ତିତ୍ୱ, ଆଦର୍ଶବାଦ, ରାଜନୈତିକ ଚିନ୍ତାଧାରାର ଗତିପ୍ରକୃତି, ବିଭିନ୍ନ ଭାଷଣ ଓ ଲେଖାକୁ ସୂକ୍ଷ୍ମଭାବରେ ଅନୁଧ୍ୟାନ ଓ ଅନୁଶୀଳନ କରାଯାଏ ଏବଂ ବୁଝିବାର ଚେଷ୍ଟା କରାଯାଏ, ତାହାହେଲେ ହିଁ ତାଙ୍କର ରାଜନୈତିକ ମତବାଦକୁ ଆମେ ଠିକଣା ଭାବରେ ହୃଦୟଙ୍ଗମ କରିପାରିବା ବୋଲି ଲେଖକ ମତ ଦେଇଛନ୍ତି ।

ନେତାଜୀ ଥିଲେ ବହୁମୁଖୀ ବ୍ୟକ୍ତିତ୍ୱ । ମୁଖ୍ୟତଃ ସ୍ୱାଧୀନତା ସଂଗ୍ରାମୀ ଓ ବିଶିଷ୍ଟ ଚିନ୍ତାନାୟକ । ତାଙ୍କ ଚିନ୍ତାଧାରାର ବିଶେଷତ୍ୱ ହେଲା- ଏହାର ବାସ୍ତବବାଦୀ ଓ ଜାତୀୟତାବାଦୀ ଦୃଷ୍ଟିଭଙ୍ଗୀ । ସେ କେବଳ ସ୍ୱାଧୀନତା ହାସଲ ପାଇଁ ଚିନ୍ତା କରୁନଥିଲେ, ସେ ଦେଖୁଥିଲେ ସ୍ୱାଧୀନ ଭାରତର ସ୍ୱପ୍ନ- ଆଗାମୀ ରାଷ୍ଟ୍ରର ରୂପରେଖ ତଥା ଏହାର ଅର୍ଥନୈତିକ ବ୍ୟବସ୍ଥା । ତାଙ୍କ ଭାଷାରେ, "ସ୍ୱାଧୀନ ଭାରତ ପୁଞ୍ଜିପତି, ଜମିଦାର ଓ ଜାତିବାଦୀମାନଙ୍କ ଦେଶ ହେବନାହିଁ । ଏହା ଏକ ସାମାଜିକ ଓ ରାଜନୈତିକ ଗଣତନ୍ତ୍ର ହେବ ।" ତେଣୁ ଲେଖକ କହନ୍ତି, ନେତାଜୀ ସୁଭାଷ ବୋଷଙ୍କ ସ୍ୱପ୍ନର ଭାରତ ଏକ ସମାଜବାଦୀ ରାଷ୍ଟ୍ର । ଭାରତୀୟ ଜାତୀୟ କଂଗ୍ରେସରେ ତଥା ଭାରତୀୟ ଜାତୀୟ ଆନ୍ଦୋଳନ ସମୟରେ ସମାଜବାଦୀ ଚିନ୍ତାଧାରାର ପ୍ରଚାର ଓ ପ୍ରସାର କରୁଥିବା ମୁଷ୍ଟିମେୟ ନେତାମାନଙ୍କ ମଧ୍ୟରେ ସୁଭାଷ ବୋଷ ଥିଲେ ଅନ୍ୟତମ ଅଗ୍ରଗାମୀ ବ୍ୟକ୍ତିତ୍ୱ ।




ଆଜି ଦେଶ ଏକ ସଙ୍କଟମୟ ପରିସ୍ଥିତିରେ ଗତି କରୁଛି । ସଂପୂର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ କ୍ଷମତାକୁ ଯେନତେନ ପ୍ରକାରେଣ ହାସଲ କରିବା ପାଇଁ ଧର୍ମର ବ୍ୟବହାର ଓ ଅପବ୍ୟବହାର ଦ୍ୱାରା ସୃଷ୍ଟ ସାଂପ୍ରଦାୟିକତା ଜାତୀୟ ଜୀବନକୁ ଗ୍ରାସ କରିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ନେତାଜୀଙ୍କ ଧର୍ମନିରପେକ୍ଷ ଚିନ୍ତାଧାରା ସମସ୍ତଙ୍କ ପାଇଁ ଅନୁଧ୍ୟାନର ବିଷୟ ବୋଲି ଲେଖକ କହିଛନ୍ତି । ଏ ସଂପର୍କରେ ନେତାଜୀଙ୍କୁ ନେଇ ଏକ ଘଟଣାର ଉଲ୍ଲେଖ ମଧ୍ୟ ସେ କରିଛନ୍ତି । ସିଙ୍ଗାପୁରରେ ଅବସ୍ଥିତ ଚେଟିଆର ହିନ୍ଦୁ ମନ୍ଦିରର ଏକ ଧର୍ମୀୟ ସଭାରେ ପୌରୋହିତ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରି ନେତାଜୀ ମୁଖ୍ୟ ପୁରୋହିତଙ୍କୁ କହିଥିଲେ, "ମନ୍ଦିର ଏକ ପୂଜାସ୍ଥଳୀ, ନିଜେ ଇଚ୍ଛାନୁସାରେ ପ୍ରତ୍ୟେକଙ୍କର ପୂଜାପାଠ କରିବାର ସ୍ୱାଧୀନତା ଅଛି କିନ୍ତୁ ରାଷ୍ଟ୍ରୀୟ ବ୍ୟାପାରରେ ଧର୍ମର ସଂଯୋଜନ ଅନୁଚିତ ।"

ନେତାଜୀଙ୍କ ସଂପର୍କରେ ଏମିତି କେତେକ ଅନାଲୋଚିତ ବା ସ୍ୱଳ୍ପ ଆଲୋଚିତ ତଥ୍ୟ ଓ ଘଟଣା ସ୍ଥାନ ପାଇ ପୁସ୍ତକଟିର ଗୌରବ ବୃଦ୍ଧି କରିଛି । ବସ୍ତୁତଃ ଗବେଷଣାମୂଳକ ହୋଇଥିଲେ ମଧ୍ୟ ବେଶ୍ ସୁଖପାଠ୍ୟ ହୋଇଛି । ନେତାଜୀଙ୍କ ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ପାଠକମାନଙ୍କ ପାଖରେ ଏହା ନିଶ୍ଚୟ ଆଦୃତ ହେବ । ଦିବ୍ୟ ପ୍ରକାଶନୀର ବିଭୁ ପ୍ରସନ୍ନଙ୍କ ଅଙ୍କିତ ପ୍ରଚ୍ଛଦ ଖୁବ୍ ପରିଚ୍ଛନ୍ନ ଏବଂ ଅନେକ ବିରଳ ଫଟୋ ସଂଯୋଜିତ ହୋଇ ମୁଦ୍ରଣ ସୌଷ୍ଠବ ମଧ୍ୟ ଆକର୍ଷଣୀୟ ହୋଇଛି । ନେତାଜୀଙ୍କ ସାମଗ୍ରିକ ଜୀବନ ଚରିତ ନ ହେଲେ ମଧ୍ୟ ପୁସ୍ତକଟିରେ ସ୍ଥାନିତ ତଥ୍ୟ ଓ ଘଟଣାବଳୀ ଏହାକୁ ଓଡ଼ିଶାରେ ଓ ଓଡ଼ିଆ ଭାଷାରେ ଏକ ସ୍ୱତନ୍ତ୍ର ସ୍ଥାନ ଓ ମର୍ଯ୍ୟାଦା ଦେବ ।





## ମେରୀ ବେବସ ସ୍କୁଲର ୨୦ ତମ ବାର୍ଷିକ ଉତ୍ସବ

# ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ଓ ମୂଲ୍ୟବୋଧର ବିକାଶ ପାଇଁ ପିତା-ମାତା ଓ ଶିକ୍ଷକଙ୍କର ଗୁରୁ ଦାୟିତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରତିଭା ଶିକ୍ଷା ଅନୁଷ୍ଠାନ ଦ୍ୱାରା ପରିଚାଳିତ ତଥା ଶିଳ୍ପୀ ସଙ୍ଗୀତ ଓ ନୃତ୍ୟ ସ୍କୁଲ ସହଭାଗିତାରେ ମେରୀ ବେବସ୍ ସ୍କୁଲର ୨୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଉଦବୋଧନ ଦେଇ କହିଥିଲେ ଯେ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ, ବ୍ୟକ୍ତିତ୍ୱ ଓ ମୂଲ୍ୟବୋଧର ବିକାଶ ପାଇଁ ପିତା ମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନେ ପିଲା ମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ଆବିଷ୍କାର କରି ସେମାନଙ୍କୁ ଦିଗଦର୍ଶନ ଦେବା ଆବଶ୍ୟକ । ଉତ୍ସବର ସମ୍ମାନିତ ଅତିଥି ଭାବେ ପ୍ରଯୋଜକ ତଥା ଅଭିନେତ୍ରୀ ଶ୍ରୀମତୀ ସୌଭାଗ୍ୟ ଲକ୍ଷ୍ମୀ ଜେନା ଯୋଗ ଦେଇ







ପିଲାମାନଙ୍କର ଭବିଷ୍ୟତ ଗଢିବାରେ ପିତା ମାତାଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଉତ୍ସବର ଅନ୍ୟତମ ଅତିଥିଭାବେ ଲେଖିକା ତଥା ମନସ୍ତତ୍ତ୍ୱବିଦ ଶ୍ରୀମତୀ ଅନସୂୟା ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ ଛୋଟ ଛୋଟ ପିଲାଙ୍କ ମନରେ କ'ଣ ରହିଛି ତାକୁ ଅନୁଶୀଳନ କରି ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ଚେଷ୍ଟା କରିବାର ଆବଶ୍ୟକତା ରହିଛି । ଏଥିରେ ଅନୁଷ୍ଠାନର ନିର୍ଦ୍ଦେଶକ ଅନୀଲ କୁମାର ରାଉତ ସ୍ୱାଗତ ସମ୍ଭାଷଣ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ଅନ୍ନପୂର୍ଣ୍ଣା ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ମେରୀ ବେବସ୍ ସ୍କୁଲ ଏବଂ ଶିଳ୍ପୀ ସଙ୍ଗୀତ ଓ ନୃତ୍ୟ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ବୈକୁଣ୍ଠଧାମ ଆଶ୍ରମ ଜବରଦଖଲ ମାମଲା

# ହାଇକୋର୍ଟରୁ ମାମଲା ପ୍ରତ୍ୟାହାର କଲା ବୈକୁଣ୍ଠଧାମ ଆଶ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବୈକୁଣ୍ଠଧାମ ଆଶ୍ରମ ଜବରଦଖଲ ମାମଲା । ହାଇକୋର୍ଟରୁ ମାମଲା ପ୍ରତ୍ୟାହାର କଲା ବୈକୁଣ୍ଠ ଆଶ୍ରମ । ବିଡିଏର ଉଚ୍ଛେଦ ନୋଟିସକୁ ନେଇ ଚାଲେଞ୍ଜ କରିଥିଲ ଆଶ୍ରମ । ସୂଚନାଥାଉକି, ନଭେମ୍ବର ୧୮ ତାରିଖରେ ସାଧାରଣ ପ୍ରଶାସନ, ବିଡିଏ ଓ ଭୁବନେଶ୍ୱର ତହସିଲର ମିଳିତ ଟିମ୍ ବୈକୁଣ୍ଠଧାମ ଆଶ୍ରମରେ ୨ ଘଣ୍ଟା ଧରି ମାପଚୁପ କରିଥିଲା । ପାଖାପାଖି ୮ କୋଟି ଟଙ୍କା ମୂଲ୍ୟର ସରକାରୀ ଜମିରେ ବେଆଇନ ମଣ୍ଡପ, କୋଠା ଆଉ ରୋଷଶାଳା ନିର୍ମାଣ ହୋଇଥିବା ଜଣାପଡ଼ିଥିଲା । ଏହା ପରେ ନଭେମ୍ବର ୨୧ରେ ଆଶ୍ରମ ଭଙ୍ଗାଯିବା ନେଇ ନିଷ୍ପତ୍ତି ହେବା ସହ ଆଶ୍ରମକୁ ନୋଟିସ୍ ଜାରି କରାଗଲା ଏବଂ ଆଶ୍ରମରୁ ଜିନିଷପତ୍ର ଖାଲି ଘୋଷଣା କରାଯାଇଥିଲା । ହେଲେ ଉଚ୍ଛେଦର ଠିକ୍ ଦିନକ ପୂର୍ବରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆଶ୍ରମ କର୍ତ୍ତୃପକ୍ଷ । ଏହା ଏକ ଯୋଗାସନ ଶିକ୍ଷାକେନ୍ଦ୍ର ବୋଲି ସତ୍ୟପାଠରେ ଦର୍ଶାଇଥିଲେ କର୍ତ୍ତୃପକ୍ଷ । ଆହୁରି ମଧ୍ୟ ୨୦୨୨ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଲେଖାଯାଇଥିବା ଚିଠିକୁ ଦାଖଲ କରାଯାଇଥିଲା । ଉକ୍ତ ଚିଠିରେ ଗଣଶିକ୍ଷା ବିଭାଗ ଏହି ଜମିକୁ ଟ୍ରଷ୍ଟ ନାମରେ କରିବା ଲାଗି ସୁପାରିଶ କରିଥିବା ଦର୍ଶାଯାଇଥିଲା । ହାଇକୋର୍ଟ ମଧ୍ୟ ବିଡିଏର ଉଚ୍ଛେଦ ଉପରେ ରହିତାଦେଶ ଜାରି କରିଥିଲେ । ହାଇକୋର୍ଟ ସାଧାରଣ ପ୍ରଶାସନ ବିଭାଗକୁ ଜବାବ୍ ମାଗିବା ପରେ ଆଶ୍ରମର ଜାଲିଆତି ଜଣାପଡ଼ିଥିଲା । ଆଉ ଜାନୁଆରୀ ୧୦ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଉଚ୍ଛେଦ ରହିତାଦେଶକୁ ହଟାଇଥିଲେ ।



# ଓଡ଼ିଶାକୁ କରାଯାଇଛି ଅଣଦେଖା: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ବଜେଟକୁ ନେଇ ବର୍ଷିଲା ବିଜେଡି । ସାଧାରଣ ବଜେଟରେ ଓଡ଼ିଶାକୁ କରାଯାଇଛି ଅଣଦେଖା । ନିର୍ବାଚନ ସମୟରେ ବିଜେପି କହିଥିଲା ଡବଲ ଇଞ୍ଜିନ ସରକାର ଆସିଲେ ଡବଲ ଅନୁଦାନ ମିଳିବ । କିନ୍ତୁ ଓଡ଼ିଶାକୁ ଡବଲ ଇଞ୍ଜିନ ସରକାର କଣ ଦେଲା ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ନେତା ଅମର ପଟ୍ଟନାୟକ । ଗତଥର ଆନ୍ଧ୍ରକୁ ଦିଆଯାଇଥିଲା ଏଥର ବିହାର ନିର୍ବାଚନକୁ ନଜରରେ ରଖି ବିହାରକୁ ଦିଆଯାଇଛି ଅନୁଦାନ । ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ପେଶାଲ କାଟାଗୋରୀ ଷ୍ଟାଟସ ଦେବାକୁ କହିଥିଲା ବିଜେପି । ହେଲେ ସେକଥା କୁଆଡେ




ଗଲା ? ବଜେଟ ବହିରେ ନାହିଁ ଓଡ଼ିଶାର ନାଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୟାଲିଟି ରିଭିଜନ ପାଇଁ ଦାବି କରି ଆସୁଛନ୍ତି । କିନ୍ତୁ ଓଡ଼ିଶାର ଦାବିକୁ ଶୁଣୁନାହାନ୍ତି କେନ୍ଦ୍ର ସରକାର । କଟନ ଟେକ୍ନୋଲୋଜି ମିଶନ ଓଡିଶାରେ ଆଗରୁ ଅଛି । କିନ୍ତୁ କେନ୍ଦ୍ର ସରକାର କହୁଛନ୍ତି ଏହା ନୂଆ ହୋଇଛି । ଓଡିଶାରେ ହାରାହାରି ୫୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ରହୁଛନ୍ତି । କିନ୍ତୁ କେନ୍ଦ୍ର ସରକାର କହୁଛନ୍ତି ଟ୍ୟାକ୍ସ କମିଲା । ଯାହା ୫୦ ପ୍ରତିଶତ ଲୋକଙ୍କ ପାଇଁ କିଛି ଲେନଦେନ ନାହିଁ । ଦରଦାମ ବୃଦ୍ଧି ୫୦ ପ୍ରତିଶତ ମଧ୍ୟବିତ୍ତଙ୍କୁ ପ୍ରଭାବିତ କରୁଛି । ଗ୍ୟାସ ସିଲିଣ୍ଡର ଦର କମାଇବା ପାଇଁ ବଜେଟରେ କିଛି ନାହିଁ ବୋଲି କହିଛନ୍ତି ବିଜେଡି ନେତା ଅମର ପଟ୍ଟନାୟକ । ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ବଜେଟ କାଗଜପତ୍ର ବୁଲାଉଛନ୍ତି । ନିର୍ବାଚନ ସମୟରେ କହୁଥିଲେ ଓଡିଶା ସବୁ କ୍ଷେତ୍ରରେ ଡବଲ ପାଇବ । ହେଲେ ଓଡ଼ିଶା ବଜେଟରୁ କଣ ପାଇଲା ବୋଲି ବିଜେପିକୁ ପ୍ରଶ୍ନ କରିଛି ବିଜେଡି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକଙ୍କ ସରକାର...

ସହୃଦୟତାର ପରିଚୟ ପ୍ରଦାନ କରିଛନ୍ତି ।

ସୋମବାର ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠର ଅଷ୍ଟମ ପାଳି । ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ବାହାରେ ଚେୟାରରେ ବସିଥିବା ପ୍ରାୟ ୩୦ ଜଣ ଭିନ୍ନକ୍ଷମଙ୍କୁ ଭେଟିଥିଲେ । ସେମାନଙ୍କ ସମସ୍ୟା ଅଭିଯୋଗକୁ ଗୋଟି ଗୋଟି କରି ଶୁଣିବା ପରେ ପାଖରେ ଥିବା ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅଭିଯୋଗ ପତ୍ର ଧରାଇ ସମାଧାନ କିପରି ହେବ ସେଥିପ୍ରତି ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ସୋମବାର ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ । ମୁଖ୍ୟମନ୍ତ୍ରୀ, ତାଙ୍କ ସହଯୋଗୀ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱଦେଇ ଶୁଣୁଥିଲେ ଓ ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ପ୍ରକୋଷ୍ଠରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କୁ ନ୍ୟାୟ ଦେବାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଫଳତା ହାସଲ କରିଛି । ଗତବର୍ଷ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ସପ୍ତମ ପାଳି ସୁଦ୍ଧା ୮୧ ପ୍ରତିଶତ କେସ୍ ସମାଧାନ ହୋଇଛି । ଗତ ୭ଟି ପାଳି ସୁଦ୍ଧା ସମୁଦାୟ ୮୦୩୧ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା, ତନ୍ମଧ୍ୟରୁ ୬୫୪୫ଟି ଅଭିଯୋଗର ସମାଧାନ କରାଯାଇଛି । ପ୍ରଥମ ପାଳିରେ ୯୦ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିଲା ବେଳେ ଦ୍ୱିତୀୟ ପାଳିରେ ୮୮ ପ୍ରତିଶତ, ତୃତୀୟ ପାଳିରେ ୮୬ ପ୍ରତିଶତ, ଚତୁର୍ଥ ପାଳିରେ ୮୪ ପ୍ରତିଶତ, ପଞ୍ଚମ ପାଳିରେ ୮୩ ପ୍ରତିଶତ, ଷଷ୍ଠ ପାଳିରେ ୫୪ ପ୍ରତିଶତ ଏବଂ ସପ୍ତମ ପାଳିରେ ୪୭ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି । ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି । ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ । ସମସ୍ତଙ୍କ ଅଭିଯୋଗ ଓ ସମସ୍ୟାକୁ ଗୁରୁତ୍ୱଦେଇ ଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଜରିଆରେ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି ଯେ, ହଇରାଣ ଓ ଖର୍ଚ୍ଚାନ୍ତ ହୋଇ ଏଠାକୁ ନ ଆସି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଥମେ ଅଭିଯୋଗ ଜଣାନ୍ତୁ, ସେଠାରେ ମଧ୍ୟ ସମାଧାନ ହେଉଛି । ଜଟିଳ ସମସ୍ୟା ହେଲେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସନ୍ତୁ ।

ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ମୋତେ ଜୀବନରୁ ...

କି ? ଏହାର ଜବାବରେ ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ସେ ଆସିଥିଲେ ଭଲ ହୋଇଥାନ୍ତା । ସେ ଅଟକିବାକୁ ଚାହୁଁଥିଲେ କି ନାହିଁ ତାହା ଭିନ୍ନ କଥା, କିନ୍ତୁ ସତ୍ୟ ପଦାକୁ ଆସିବା ଉଚିତ ଥିଲା ।

ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ କହିଛନ୍ତି, ତାଙ୍କର ଜଣେ ଲୋକ ଆସି କହିବେ ଯେ ମହାରାଜ ଜୀ, ଆପଣ ଯାହା କହୁଛନ୍ତି ତାହା ସତ୍ୟ ବିରୋଧରେ ପ୍ରକୃତ କଥା ହେଉଛି ଯେ ଆମେ ତାଙ୍କୁ ସତ୍ୟ କହିବାକୁ ଚାହିଁଥାନ୍ତୁ । କିନ୍ତୁ ସେ ଏପରି ଯୋଗାଯୋଗ କରନ୍ତି ନାହିଁ । ତାଙ୍କ ଲୋକମାନେ ଧମକ ଦିଅନ୍ତି । ଗତକାଲି ପରି ୪-୫ ଜଣ ଲୋକ ଲେଖିଥିଲେ ଯେ ଯଦି ଆମେ ତୁମକୁ ମାରିଦେବୁ ମୁଁ କହୁଛି, ମୋତେ ମାରିଦିଅ । ଜଣେ ସନ୍ନ୍ୟାସୀ ମୃତ୍ୟୁକୁ ଭୟ କରେ ନାହିଁ । ଆମେ କିଛି ସାଂସାରିକ ସୁଖ ଉପଭୋଗ କରିବାର ନାହିଁ ।

ଶଙ୍କରାଚାର୍ଯ୍ୟ ଆହୁରି କହିଛନ୍ତି, ମୃତ୍ୟୁ ସଂଖ୍ୟା ଏପର୍ଯ୍ୟନ୍ତ ସଠିକ ଭାବରେ ପ୍ରକାଶ କରାଯାଉ ନାହିଁ । ପ୍ରତି ଘଣ୍ଟାରେ କେତେ ଲୋକ ବୁଡ଼ ପକାଇଛନ୍ତି ସେ ବିଷୟରେ ତଥ୍ୟ ଆସୁଛି । ଏତେ ଲୋକ ବୁଡ଼ ପକାଇ ସାରିଛନ୍ତି । ଏତେ କୋଟି ଭକ୍ତଙ୍କୁ ଗଣନା କରିବାର ଏକ ବ୍ୟବସ୍ଥା ଆପଣଙ୍କ ପାଖରେ ଅଛି, କିନ୍ତୁ ଯଦି ଚାରି ଦିନ ପରେ ମଧ୍ୟ ମୃତକଙ୍କ ଗଣନା ନାହିଁ, ତେବେ ଏହା କି ପ୍ରକାର ବ୍ୟବସ୍ଥା ?

ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ଏହା ମଧ୍ୟ କହିଛନ୍ତି, ଯେତେବେଳେ ଗଣମାଧ୍ୟମ ଘଟଣା କଭରେଜ କରିବାକୁ ଯାଉଛି, ପୋଲିସ ସେମାନଙ୍କୁ ଲାଠିରେ ପିଟି ଘଉଡ଼ାଉଛି । ଆମେ ବିପଦ ନେଇ ସେମାନଙ୍କ ସ୍ୱର ଉଠାଇଛୁ । ଆମେ ହିନ୍ଦୁ ସମାଜ ସହିତ ଛିଡ଼ା ହୋଇଛୁ । ଆମେ ରାଜନୀତି ସହିତ ଠିଆ ହେଉନାହୁଁ ।

### ବଦଳିବ ବହୁ ...

ବର୍ଷ ପରେ ହିତାଧିକାରୀମାନେ ପୂର୍ବରୁ ବିକ୍ରି କରି ପାରୁଥିଲେ । ମାତ୍ର ନୂଆ ନିୟମରେ ଏହି ଜମି ଆଦୌ ବିକ୍ରି ହୋଇପାରିବ ନାହିଁ ବରଂ ଉତ୍ତରାଧିକାରୀ ସୂତ୍ରରେ ପିଢି ପରେ ପିଢ଼ି ଦାୟାଦଙ୍କ ପାଖକୁ ଯିବ ।

ସେହିଭଳି ରାଜସ୍ୱ ସେବାରେ ଅନେକ ନିୟମ ଆସିବ । ପ୍ରଚଳିତ ସମସ୍ତ ନିୟମର ସରଳୀକରଣ କରାଯିବ । ଲୋକେ ସହଜରେ ବିଭିନ୍ନ ସାର୍ଟିଫିକେଟ ପାଇ ପାରିବେ । ସେନେଇ ମଧ୍ୟ ନୂଆ ଗାଇଡ ଲାଇନ ଆସିବ ବୋଲି ରାଜସ୍ୱମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।

### ଚାକିରି ଯୋଗାଇବାରେ...

ଆଲୋଚନା ସମୟରେ ରାହୁଲ କହିଥିଲେ, ଆଜି ଚାଇନା ଆମର ଜାଗା ମାଡି ବସିଛି । କିନ୍ତୁ ପ୍ରଧାନମନ୍ତ୍ରୀ ଏହାକୁ ଅସ୍ୱୀକାର କରୁଛନ୍ତି । ଚାଇନା ଆମ ଅଞ୍ଚଳ ଭିତରେ ରହିବାର ଗୁରୁତ୍ୱପୂର୍ଣ୍ଣ । କାରଣ ଲୋକମାନେ ଭାବନ୍ତି ଯେ ଯୁଦ୍ଧ ସେନା ଏବଂ ସେମାନଙ୍କର ଅସ୍ତ୍ରଶସ୍ତ୍ର ମଧ୍ୟରେ ଲଢ଼ାଯାଏ । କିନ୍ତୁ ବାସ୍ତବ କଥା ହେଉଛି ଯେ ଯୁଦ୍ଧଗୁଡ଼ିକ ଶିଳ୍ପ ବ୍ୟବସ୍ଥା ଦ୍ୱାରା ଲଢ଼ାଯାଏ । ବାସ୍ତବ କଥା ହେଉଛି ଚାଇନାର ଏକ ଶିଳ୍ପ ବ୍ୟବସ୍ଥା ଅଛି ଯାହା ଆମ ବ୍ୟବସ୍ଥା ଅପେକ୍ଷା ବହୁତ ଶକ୍ତିଶାଳୀ ଓ ବଡ଼ ଏବଂ ସେଥିପାଇଁ ସେମାନଙ୍କର ଆମ ଦେଶ ଭିତରକୁ ଆସିବାର ସାହସ ଅଛି । ଚାଇନା ଭାରତର ସୀମା ଭିତରେ ବସିବାର କାରଣ ହେଉଛି ମେକ ଇନ ଇଣ୍ଡିଆ ବିଫଳ ହୋଇଛି ।

### ଦିଲ୍ଲୀ ନିର୍ବାଚନ ...

ଆୟୋଗଙ୍କ ବିଜ୍ଞପ୍ତି ନମ୍ବର ୫୭୬/ଏକଜିଟ୍/୨୦୨୫/ଏସଡିଆର/ସେକ୍ସନ-୧ ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ କୁହାଯାଇଛି ଯେ ଏକଜିଟ ପୋଲ ଫଳାଫଳ ଉପରେ ପ୍ରତିବନ୍ଧକ ଲଗାଯିବ ।

### ଷ୍ଟାର୍ଟଅପ ପାଇଁ ...

ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଏକ କୋଟିରୁ ଅଧିକ ପଞ୍ଜୀକୃତ ଏମଏସଏମଇ ବର୍ତ୍ତମାନ ୭.୫ କୋଟି ଲୋକଙ୍କୁ ନିଯୁକ୍ତି ପ୍ରଦାନ କରୁଛନ୍ତି ଏବଂ ଆମର ଉତ୍ପାଦନରେ ୩୬ ପ୍ରତିଶତ ଯୋଗଦାନ କରୁଛନ୍ତି ତଥା ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି । ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ଏମଏସଏମଇଗୁଡିକ ସେମାନଙ୍କର ଗୁଣାତ୍ମକ ଉତ୍ପାଦ ସହିତ ଆମର ରପ୍ତାନିରେ ୪୫ ପ୍ରତିଶତ ଯୋଗଦାନ କରନ୍ତି ।

ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଋଣ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ଋଣ ଗ୍ୟାରେଣ୍ଟି କଭର ବୃଦ୍ଧି କରାଯିବ । ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ୫ କୋଟି ଟଙ୍କାରୁ ଆରମ୍ଭ କରି ୧୦ କୋଟି ଟଙ୍କା ପର୍ଯ୍ୟନ୍ତ, ଯାହା ଆଗାମୀ ୫ ବର୍ଷରେ ଅତିରିକ୍ତ ଦେଢ଼ ଲକ୍ଷ କୋଟି ଟଙ୍କାର ଋଣ ଉପଲବ୍ଧ କରାଇବ । ଷ୍ଟାର୍ଟଅପ ପାଇଁ ୧୦ କୋଟିରୁ ୨୦ କୋଟି ପର୍ଯ୍ୟନ୍ତ, ଆତ୍ମନିର୍ଭର ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ୨୭ଟି ଫୋକସ ସେକ୍ଟରରେ ଋଣ ପାଇଁ ଗ୍ୟାରେଣ୍ଟି ଶୁଳ୍କକୁ ୧ ପ୍ରତିଶତକୁ ହ୍ରାସ କରାଯାଇଛି । ଉତ୍ତମ ପ୍ରଦର୍ଶନ କରୁଥିବା ଏମଏସଏମଇ ପାଇଁ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ମିଆଦୀ ଋଣ । ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଆମେ ଏଣ୍ଟରପ୍ରାଇଜ ପୋର୍ଟାଲରେ ପଞ୍ଜୀକୃତ କ୍ଷୁଦ୍ର ଉଦ୍ୟୋଗଗୁଡିକ ପାଇଁ ୫ ଲକ୍ଷ ଟଙ୍କାର ସୀମା ସହିତ ସ୍ୱତନ୍ତ୍ର ଅନୁକୂଳ କ୍ରେଡିଟ କାର୍ଡ ଆରମ୍ଭ କରିବୁ । ପ୍ରଥମ ବର୍ଷରେ ୧୦ ଲକ୍ଷ କାର୍ଡ ପ୍ରଦାନ କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

ବଜେଟ ଅଭିଭାଷଣରେ ଶ୍ରୀମତୀ ସୀତାରମଣ କହିଛନ୍ତି, ଷ୍ଟାର୍ଟଅପ ଗୁଡ଼ିକ ପାଇଁ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ)କୁ ୯୧,୦୦୦ କୋଟିରୁ ଅଧିକ ପ୍ରତିଶ୍ରୁତି ମିଳିଛି । ଏଥିପାଇଁ ପ୍ରତିଷ୍ଠିତ ପାଣ୍ଠିକୁ ୧୦,୦୦୦ କୋଟି ଟଙ୍କାର ସରକାରୀ ଅନୁଦାନ ପ୍ରଦାନ କରାଯାଇଛି । ଏବେ ସମ୍ପ୍ରସାରିତ ପରିସର ଏବଂ ୧୦,୦୦୦ କୋଟି ଟଙ୍କାର ନୂତନ ଯୋଗଦାନ ସହିତ ଏକ ନୂତନ ପାଣ୍ଠି ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି ।

ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ମହିଳା, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ପାଞ୍ଚ ଲକ୍ଷ ନୂତନ ଉଦ୍ୟୋଗୀଙ୍କ ପାଇଁ ଏକ ନୂତନ ଯୋଜନା ଆରମ୍ଭ କରାଯିବ । ଏହି ଯୋଜନା ଅଧୀନରେ ଆସନ୍ତା ୫ ବର୍ଷ ମଧ୍ୟରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ମିଆଦୀ ଋଣ ଉପଲବ୍ଧ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି । ନିଜ ଅଭିଭାଷଣରେ ସେ କହିଛନ୍ତି, ସଫଳ ଷ୍ଟାର୍ଟଅପ ଇଣ୍ଡିଆ ଯୋଜନାରୁ ମିଳିଥିବା ଅଭିଜ୍ଞତାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଉଦ୍ୟୋଗୀ ଓ ପରିଚାଳନାଗତ ଦକ୍ଷତା ପାଇଁ ଅନଲାଇନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ ।

ଶ୍ରୀମତୀ ସୀତାରମଣ ସୂଚନା ଦେଇଛନ୍ତି ଯେ ଏହି ପଦକ୍ଷେପର ଏକ ଅଂଶ ଭାବରେ ପରବର୍ତ୍ତୀ ପିଢ଼ିର ଷ୍ଟାର୍ଟଅପ ଗୁଡ଼ିକୁ ଉତ୍ସାହିତ କରିବା ପାଇଁ ଡିପ ଟେକ ପାଣ୍ଠି ପାଇଁ ଏକ ପାଣ୍ଠି ଉପରେ ମଧ୍ୟ ବିଚାର କରାଯିବ ।

ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଆଞ୍ଚଳିକ ଏବଂ ମନ୍ତ୍ରଣାଳୟ ଲକ୍ଷ୍ୟ ନେଇ ଏକ ରପ୍ତାନି ପ୍ରୋତ୍ସାହନ ମିଶନ ଆରମ୍ଭ କରାଯିବ, ଯାହା ବାଣିଜ୍ୟ ମନ୍ତ୍ରଣାଳୟ, ଏମଏସଏମଇ ମନ୍ତ୍ରଣାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବରେ ପରିଚାଳିତ ହେବ । ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ମିଶନ ରପ୍ତାନି ଋଣ ଏବଂ ସୀମାପାର ସହାୟତା ସହଜରେ ଉପଲବ୍ଧ କରାଇବ ଏବଂ ଏମଏସଏମଇଗୁଡ଼ିକୁ ବିଦେଶୀ ବଜାରରେ ଅଣ-ଶୁଳ୍କ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ ।

### ଚାଷୀ ହୋଇ ...

ନିଜେ ଦୋକାନୀ ଓ ଚାଷୀଙ୍କୁ ଧାନବିକ୍ରି ବିଷୟରେ ପଚାରିଥିଲେ । ଶେଷରେ ମଣ୍ଡିରେ ପହଞ୍ଚି ଅନ୍ୟ ଏକ ଚାଷୀଙ୍କ ନାମରେ ସେ ତାଙ୍କ ଟୋକନରେ ଧାନ ବିକ୍ରି ପାଇଁ କହିଥିଲେ । କେତେ କଟ୍‌ନି ହେଉଛି ବୋଲି ଜିଲ୍ଲାପାଳ ପଚାରିଥିଲେ । କିନ୍ତୁ ସମବାୟ ଦାୟିତ୍ୱରେ ଥିବା ବାବୁ କହିଥିଲେ ଯେ, ପ୍ରାୟ ୮ କିଲୋ ପର୍ଯ୍ୟନ୍ତ କଟ୍‌ନି ହେବ । ସଙ୍ଗେ ସଙ୍ଗେ ଜିଲ୍ଲାପାଳ ସେହିଠାରୁ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଜିଲ୍ଲାପାଳଙ୍କ ଏପରି ଅଚାନକ ମଣ୍ଡି ପରିଦର୍ଶନକୁ ଚାଷୀ ମହଲ ସ୍ୱାଗତ କରିଥିବା ବେଳେ ମଣ୍ଡି ଅଧିକାରୀ ଓ ମିଲରଙ୍କ ମଧ୍ୟରେ ଛନକା ପଶିଛି ।

### ବିଶ୍ୱର ସବୁଠୁ ...

ଥିବାବେଳେ ଚତୁର୍ଥରେ ଇଂଲଣ୍ଡ, ପଞ୍ଚମରେ ଜର୍ମାନୀ, ଷଷ୍ଠରେ ଦକ୍ଷିଣ କୋରିଆ, ସପ୍ତମରେ ଫ୍ରାନ୍ସ, ଅଷ୍ଟମରେ ଜାପାନ, ନବମରେ ସାଉଦି ଆରବ ଏବଂ ଦଶମରେ ଇସ୍ରାଏଲ ଅଛନ୍ତି ।

ଆମେରିକା, ଚାଇନା ଏବଂ ଋଷିଆ ଭଳି ଦେଶମାନେ ସେମାନଙ୍କର ଦୃଢ଼ ସ୍ଥିତି ବଜାୟ ରଖିଛନ୍ତି, ଯେତେବେଳେ ଫୋର୍ବସ ଭାରତ ଭଳି ଉଦୀୟମାନ ଶକ୍ତିକୁ ବାଦ ଦେଇ ସମାଲୋଚନାର ଶିକାର ହୋଇଛି ।

## ବୌଦ୍ଧର ଝିଅ ପ୍ରତ୍ୟୁଷାଙ୍କୁ ତୁରନ୍ତ ଚିକିତ୍ସା ସହ ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଖୁ ଦେଖୁ ଚିକିତ୍ସା ପାଇଁ ୫ ଲକ୍ଷ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ । ଅଭିଯୋଗ ପ୍ରକୋଷ୍ଠରେ ଜଣେ ୭ ବର୍ଷ ଝିଅର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୫ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବୌଦ୍ଧରୁ ଆସିଥିବା ୭ ବର୍ଷର ଝିଅ ପ୍ରତ୍ୟୁଷା ଗିରି ଯିଏକି ବିରଳ ରୋଗ ଜେରୋଦର୍ମାରେ ଶିକାର ହୋଇଛନ୍ତି । ଖରାରେ ପୋଡି ଯାଉଛି ତାଙ୍କ ସ୍କିନ । ଚିକିତ୍ସା ପାଇଁ ଅନେକ ଜାଗା ବୁଲିଲେଣି । ବିଏସକେୱାଇ ଅଛି ହେଲେ ସେଥିରେ ଏହି ରୋଗ ପଞ୍ଜିକରଣ ନଥିବାରୁ ଚିକିତ୍ସା ହୋଇପାରୁନି । ଗତ ଥର ଅଭିଯୋଗ ପ୍ରକୋଷ୍ଠ ଆସିଥିଲେ ତାଙ୍କୁ ତୁରନ୍ତ ମେଡିକାଲ ପଠାଇଥିଲେ ମୁଖ୍ୟମନ୍ତ୍ରୀ ଆଉ ସୋମବାର ତାଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି ।

## ଖଣ୍ଡଗିରି ମେଳାରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରି ଏକ ପୂଜା ସ୍ଥଳ । ଆମେ ପୂଜାକୁ ଗୁରୁତ୍ୱ ଦେଉଛୁ । କୌଣସି ଅଶ୍ଳୀଳତା ହେବ ନାହିଁ । ମେଳା ପାଇଁ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି ମେୟର ସୁଲୋଚନା ଦାସ । ଇ-ଟଏଲେଟ ବ୍ୟବସ୍ଥା ସହ ଆଲୋକୀକରଣ ଓ ସଫା ପିଇବା ପାଣି ବ୍ୟବସ୍ଥା ହୋଇଛି । ଟ୍ରାଫିକ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ତେଣୁ ସେ ସମ୍ପର୍କରେ ଚିନ୍ତା କରାଯାଇଛି । ୮୦ ଟି ସିସିଟିଭି ଲାଗିବ ସବୁ ଅନୁଧ୍ୟାନ କରାଯିବ । କୌଣସି ବିଶୃଙ୍ଖଳାକୁ ସ୍ଥାନ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ମେୟର । ଏହା ସହ ସେ କହିଛନ୍ତି ମାଘ ସପ୍ତମୀ ମେଳାରେ ଗତ ବର୍ଷ ଅନନ୍ତ କେଶରୀଙ୍କ ଯାତ୍ରା ପାଇଁ ୨ଲକ୍ଷ ଅନୁଦାନ ଦିଆଯାଇଥିଲା । ଚଳିତ ଥର ଅନନ୍ତ କେଶରୀଙ୍କ ଯାତ୍ରା ପାଇଁ ୪ ଲକ୍ଷ ଦିଆଯାଇଛି ।

## ଝାରପଡା ଜେଲରେ ଆୟକର ବିଭାଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଝାରପଡା ଜେଲରେ ଆୟକର ବିଭାଗ । ଗିରଫ ଠକ ଦମ୍ପତି ହଂସିତା ଓ ଅନିଲଙ୍କୁ ଜେରା କରିବ ୫ ଜଣିଆ ଟିମ । ୬ ଘଂଟା ଜେରା ପାଇଁ ଆୟକର ବିଭାଗକୁ ମିଳିଛି ଅନୁମତି । ଠକ ଦମ୍ପତିଙ୍କ ବଡ଼ ବଡ଼ିଆ ଲିଙ୍କ୍ ନେଇ ପଚରାଉଚରା ହେବ । କେଉଁ ସୋର୍ସରୁ ଟଙ୍କା ଆସୁଥିଲା ସେ ନେଇ ହେବ ତଦନ୍ତ ।

## ଯାନବାହନ ଚଳାଚଳ ନିୟନ୍ତ୍ରଣ ବୈଠକ ଅନୁଷ୍ଠିତ

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ସହରରେ ଯାନବାହାନ ଚଳାଚଳରେ ନିୟନ୍ତ୍ରଣ ରକ୍ଷା ସମ୍ପର୍କରେ ଏକ ବୈଠକ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ ଠାରେ ଆୟୋଜନ କରାଯାଇଥିଲା । ଏଥିରେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ପୁରୀ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅନ୍ୟାନ୍ୟ ଆରକ୍ଷୀ ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ପୌର କର୍ତ୍ତୃପକ୍ଷଙ୍କ ସମେତ ଏଥି ସହ ସଂପୃକ୍ତ ଥିବା ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ନିଷ୍ପତି ନିଆଗଲା ଯେ, ଆସନ୍ତା ଫେବୃଆରୀ ୧୦ ରୁ ୨୦ ତାରିଖ ମଧ୍ୟରେ ସହରର ସମସ୍ତ ଅଟୋ ଚାଳକ ମାନେ ତାଳବଣିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ନିଜ ଗାଡିକୁ ପଞ୍ଜିକୃତ କରାଇବେ । ତା ସଙ୍ଗେ ସଙ୍ଗେ ସେମାନେ ମୋଟର ଯାନ ସମ୍ବନ୍ଧରେ ସମସ୍ତ କାଗଜପତ୍ର ଧରି ଉପସ୍ଥିତ ରହିବେ । ଆସନ୍ତା ୧୦ ରୁ ୨୦ ତାରିଖ ପର୍ଯ୍ୟନ୍ତ ସକାଳ ୧୦ ଟା ରୁ ସନ୍ଧ୍ୟା ୫ଟା ମଧ୍ୟରେ ସମସ୍ତ ଅଟୋ ଚାଳକ ମାନେ ନିର୍ଧାରିତ ଦସ୍ତଲବିଜ ଦେଇ ନିଜ ଗାଡିକୁ ପଞ୍ଜିକୃତ କରାଇବେ ନଚେତ ସେ ଗାଡି ଗୁଡିକୁ ସହରରେ ଚଳାଚଳ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପରିବହନ ଅଧିକାରୀ ସୂଚନା ଦେଇଛନ୍ତି ।


**OFFICE OF THE CALA-cum-TAHASILDAR: ERASAMA**
(CALA Cell Erasama (NH-55-Balikuda Mulakani Section)
Date.- 27.01.2025 PR No.- 1 XXV-04

**Public Notice**

**Announcement of Award for acquisition of land for construction of NH-55 on the stretch of land from 318.970 to KM 353.450 for Land owners/persons interested therein.**

Kind attention of all landowners/ interested persons is invited to the Public Notice S.O 3754 (E), Dt 10.08.2022 issued under Section 3A of the NH Act, 1956 for acquisition of land for the building/ construction of NH-55 on the stretch of land from KM 318.970 to KM 353.450and the Notification No S.O No 2888, Dt.- 03.07.2023 issued under Section 3D of the NH Act. 1956 and published in the following newspapers:

| Sl.no | Notification | Names of newspaper in which published | Date of Publication | Language |
|---|---|---|---|---|
| 1 | Section 3A | Sakala | 12.09.2022 | Odia |
| | | Pragativadi | 12.09.2022 | English |
| 2 | Section 3D | Sakala | 15.08.2023 | Odia |
| | | Pragativadi | 15.08.2023 | English |

It is informed that the undersigned has prepared the estimate of compensation to be paid in respect of the said land under Section 3G of the NH Act, 1956 vide order Dt. 28.11.2024. The land acquiring agency (MoRTH) has placed the requisite amount of compensation at the disposal of the undersigned. Notices have also been issued to the concerned landowner, interested persons as required under Section 3 E of the NH Act, 1956.

Accordingly, all the concerned landowners/ interested persons are hereby informed/ notified through this additional Public Notice that the claimants entitled to receive the compensation amount may collect their amount of compensation from the office of the undersigned on any working day between 10 A.M. to 5.30 P.M. within a period of 60 days and surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

Competent Authority for Land Acquisition
-cum- Tahasildar, Erasama, NH-55

OIPR-24196/14/0004/2425



Phone-06842-253708
E-mail: rw_phulbani@yahoo.co.in
O-1376

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**
*******

No.........493....................RWDP, Dated the 30.01.2025

**Government of Odisha e-Procurement Notice**
**Bid Identification No. Online Tender/12/SERWD PHULBANI/ 2024-25**

| | | | |
|---|---|---|---|
| 1 | Name of the work | :: | Road & Building Works (07Nos.) |
| 2 | Estimated cost | :: | Rs. 7.24 Lakhs to Rs.22.88 lakhs |
| 3 | Period of Completion | :: | One Calendar month |
| 4 | Date & Time of availability of Bid documents in the Portal | :: | From 04.02.2025 10.00 AM.to 11.02.2025 Up to 5.00 PM |
| 5 | Last Date/ Time for receipt of Bids in the Portal | :: | 11.02.2025 up to 5.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

*Superintending Engineer*
*Rural Works Division*
*Phulbani*

OIPR-25077/11/0013/2425

ଭୁବନେଶ୍ୱର
୦୪ ଫେବୃୟାରୀ
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଅଷ୍ଟମ ପାଳିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। (ଫଟୋ : ସମ୍ବାଦ କଳିକା)

### ଉନ୍ନତ ହୃଦ୍ ଚିକିତ୍ସା କ୍ଷେତ୍ରରେ ଓଡ଼ିଶାରେ ପ୍ରଥମ

# କିମ୍ସରେ ଆରମ୍ଭ ହେଲା ଲଟ୍ ସିଆରଟି ଚିକିତ୍ସା ପଦ୍ଧତି

**ଭୁବନେଶ୍ୱର, ୩/୨ ନ୍ୟୁଜ ବ୍ୟୁରୋ**

ଉନ୍ନତ ହୃଦ୍ ଚିକିତ୍ସା କ୍ଷେତ୍ରରେ ଲଟ୍ ସିଆର୍‌ଟି ଚିକିତ୍ସା ପଦ୍ଧତି ଆପଣାଇଛି କିମ୍ସ। ଓଡ଼ିଶାରେ ପ୍ରଥମ କରି କିମ୍ସରେ ଏଭଳି ଅତ୍ୟାଧୁନିକ ହୃଦ୍‌ରୋଗ ଚିକିତ୍ସା ପଦ୍ଧତି ଆରମ୍ଭ କରାଯାଇଛି। ଏଥିରେ ବାମ-ପାର୍ଶ୍ୱ ଅପ୍‌ଟିମାଇଜଡ୍ କାର୍ଡିଆକ୍ ରିସିଙ୍କ୍ରୋନାଇଜେସନ୍ ଥେରାପି ଉପଯୋଗ କରାଯାଇ ହୃତପିଣ୍ଡ ଦୁର୍ବଳ ହୋଇଥିବା ରୋଗୀଙ୍କଠାରେ ଉତ୍ତମ ଚିକିତ୍ସା ହୋଇପାରୁଛି। ଗତ ଡିସେମ୍ବରରେ ମାଡ୍ରାସ ମେଡିକାଲ ମିଶନର ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡା. ଅନିନ୍ଦ୍ୟ ଘୋଷଙ୍କ ମାର୍ଗଦର୍ଶନରେ ହୃଦ୍‌ରୋଗ ବିଭାଗର ବରିଷ୍ଠ ପ୍ରଫେସର ଡା ପଞ୍ଚାନନ ସାହୁ କିମ୍ସରେ ପ୍ରଥମ ଥର ଲାଗି ଏହି ଉନ୍ନତ ପ୍ରକ୍ରିୟା



ସମ୍ପାଦନ କରିଥିଲେ। ଡା ସାହୁ ପୁନର୍ବାର ଜାନୁଆରୀ ମାସରେ କିମ୍ସରେ ଦ୍ୱିତୀୟ ଥର ଏହି ପ୍ରକ୍ରିୟାରେ ରୋଗୀଙ୍କ ସଫଳ ଚିକିତ୍ସା କରିଛନ୍ତି। ଏଥିରେ ହୃତପିଣ୍ଡ ମାଂସପେଶୀରେ ଥିବା ଚାରିଗୋଟି କୋଠରୀ (ଅଳିନ୍ଦ ଓ ନିଳୟ) ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ସହ ସଂକୋଚନକୁ ବୃଦ୍ଧି କରେ ଏବଂ ଜଟିଳତାର ଆଶଙ୍କା ହ୍ରାସ କରେ। ପୂର୍ବରୁ ପାରମ୍ପରିକ ଡାହାଣ ଭେଂଟ୍ରିକୁଲାର ପେସିଂରେ ହୃତପିଣ୍ଡର ଦୁର୍ବଳତା ସମ୍ଭାବନା ୨୦ ପ୍ରତିଶତ ଥିଲା। ଏବେ ଲଟ୍ ସିଆର୍‌ଟି ପ୍ରକ୍ରିୟାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। ଏବେ ପାରମ୍ପରିକ ବାଇ-ଭେଂଟ୍ରିକୁଲ ପୂର୍ବ ପେସିଂ ପରି ନହୋଇ ଲଟ୍ ସିଆର୍‌ଟି ଭେଂଟ୍ରିକୁଲ ସେପ୍‌ଟମ୍‌ର ବାମ ପାର୍ଶ୍ୱ (ହୃଦୟର ଦୁଇଟି ନିଳୟକୁ ପୃଥକ କରୁଥିବା ମଧ୍ୟଛଦା) ଆଡକୁ ପେସିଂ ଲିଡ୍ ରଖେ। ଏହି ସଠିକ୍ ସ୍ଥାନ କ୍ୟୁଆର୍‌ଏସ୍ ଜଟିଳକୁ ସଂକୁଚିତ କରେ – ହୃଦୟର ବୈଦ୍ୟୁତିକ କାର୍ଯ୍ୟକଳାପର ଏକ ମାପ – ଏହାକୁ ସ୍ୱାଭାବିକ କରିଥାଏ ଏବଂ ହୃଦୟର ପ୍ରାକୃତିକ ସଙ୍କୋଚନକୁ ଉନ୍ନତ କରିଥାଏ ବୋଲି ଡା. ସାହୁ ପ୍ରକାଶ କରିଛନ୍ତି। ସହଯୋଗୀ ଇପି ବିଶେଷଜ୍ଞ, ଡା ଅନୁପମ ଜେନା ଏବଂ ଡା ମିଳନ ଘଡେଇଙ୍କ ସହ ମିଳିତ ଭାବେ ଉନ୍ନତ ଇପି ଏବଂ ଆରଏଫ୍‌ଏ ପ୍ରକ୍ରିୟା ବ୍ୟବହାର କରି ଜଟିଳ ହୃଦରୋଗରେ ପୀଡିତ ଅନେକ ରୋଗୀଙ୍କୁ ସଫଳତାର ସହିତ ଚିକିତ୍ସା କରୁଥିବା ଡା. ସାହୁ ସୂଚନା ଦେଇଛନ୍ତି।



ଭୁବନେଶ୍ୱର : ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ମାସିକ ସାହିତ୍ୟ ପତ୍ରିକା "ସମାରୋହ"ର ୪୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କୁ ସମାରୋହ ସମ୍ମାନ-୨୦୨୪ରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ପୂର୍ବତନ ପ୍ରଶାସକ ତରୁଣକାନ୍ତି ମିଶ୍ର । ନିକଟରେ ଉପସ୍ଥିତ ଅଛନ୍ତି ବରିଷ୍ଠ ସ୍ତମ୍ଭକାର ଅସିତ୍ କୁମାର ମହାନ୍ତି, "ସମାରୋହ"ର ସମ୍ପାଦିକା ଶୈଳାରାଣୀ ମିଶ୍ର ଏବଂ ସହଯୋଗୀ ସମ୍ପାଦକ ରବିନାରାୟଣ ନନ୍ଦ। (ଫଟୋ : ସମ୍ବାଦ କଳିକା)

### ୫ରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା

# ଖୋର୍ଦ୍ଧା ଜଙ୍କିଆରୁ ଯୋଜନା ଆରମ୍ଭ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୦୩/୦୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ୫ ତାରିଖରେ ଶୁଭାରମ୍ଭ ହେବ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା । ଖୋର୍ଦ୍ଧାର ଜଙ୍କିଆ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବେ । ମୁଖ୍ୟ କାର୍ଯ୍ୟକ୍ରମ ତାଙ୍କାରେ ପ୍ରତି ଜିଲ୍ଲା ଓ ବ୍ଲକ୍ ସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି । ଜିଲ୍ଲା ମୁଖ୍ୟାଳୟରେ ମଧ୍ୟ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଶୁଭାରମ୍ଭ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ । ଏଠାରେ ଏଲଇଡି ଯୋଗେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ । ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ରହିବେ । ସେହିଭଳି ୩୧୪ ବ୍ଲକ୍‌ରେ ମଧ୍ୟ ମୁଖ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ । ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଓକାକ୍‌କୁ ଦାୟିତ୍ୱ ଦିଆଯାଇଛି । ଏହି ଯୋଜନାର ଶୁଭାରମ୍ଭର ବ୍ୟାପକ ପ୍ରଚାରପ୍ରସାର କରାଯିବ । ଏଥିପାଇଁ ହାତଖୋଲା ଖର୍ଚ୍ଚ କରିବାକୁ ସରକାର ଯୋଜନା କରିଛନ୍ତି । ଯୋଜନାର



ପ୍ରଚାର ପାଇଁ ପ୍ରତି ବ୍ଲକ୍‌କୁ ୧ଲକ୍ଷ ଟଙ୍କାର ପାଣ୍ଠି ଦିଆଯିବ । ସେହିଭଳି ଯୋଜନା ଶୁଭାରମ୍ଭ ଦିନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ୩୧୪ଟି ବ୍ଲକ୍‌କୁ ୨ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ । ଜିଲ୍ଲା ସ୍ତରର କାର୍ଯ୍ୟକ୍ରମ ପାଇଁ ପ୍ରତି ଜିଲ୍ଲାକୁ ୩ ଲକ୍ଷ ଟଙ୍କା ଲେଖାଏଁ ମିଳିବ । ଆୟୋଜନ ଓ ପ୍ରଚାରପ୍ରସାର ବାବଦରେ ପଞ୍ଚାୟତିରାଜ ବିଭାଗ ମୋଟ ୯ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବ । ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି କରିବାକୁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି ବିଭାଗ। ପୂର୍ବ ସରକାର ସମୟରେ ଆମ ଓଡ଼ିଶା, ନବୀନ ଓଡ଼ିଶା ନାଁରେ ଏହା କାର୍ଯ୍ୟକାରୀ ହେଉଥିଲା। ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ପାଣ୍ଠି ମିଳୁଥିଲା। ନୂଆ ସରକାର ଏହି ଯୋଜନାର ନାଁ ବଦଳାଇବା ସହିତ ଏହାକୁ ନୂଆ ଢଙ୍ଗରେ କାର୍ଯ୍ୟକାରୀ କରିବେ। ଏଥିପାଇଁ ବିସ୍ତୃତ ଗାଇଡ୍‌ଲାଇନ୍ ଜାରି ହୋଇଛି । ଗ୍ରାମସଭା ଜରିଆରେ ଫେବ୍ରୁୟାରୀ ୧୪ତାରିଖ ସୁଦ୍ଧା ଯୋଜନାର ପ୍ରକଳ୍ପ ତାଲିକା ତିଆରି ପାଇଁ ସବୁ ପଞ୍ଚାୟତକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକେ ଗ୍ରାମସଭାରେ ରହି ଗାଁ ଓ ପଞ୍ଚାୟତ ପାଇଁ ପ୍ରକଳ୍ପ ଚୂଡ଼ାନ୍ତ କରିବେ । ଲୋକଙ୍କ ମତ ଓ ଆବଶ୍ୟକ ଆଧାରରେ ୫ ବର୍ଷିଆ ପ୍ରକଳ୍ପ ତାଲିକା ତିଆରି ହେବ। ୫ ତାରିଖ ସୁଦ୍ଧା ବ୍ଲକ୍‌ରେ ଏହି ତାଲିକା ଦାଖଲ ହେବ। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ନିର୍ଦ୍ଦିଷ୍ଟ ଭାବେ କେତେ ଟଙ୍କାର ପାଣ୍ଠି ଦିଆଯିବ ତାହା ଚୂଡ଼ାନ୍ତ ହୋଇନି । ଜନସଂଖ୍ୟା ଓ ପ୍ରକଳ୍ପ ଆବଶ୍ୟକ ଦେଖି ଜିଲ୍ଲା ପରିଷଦ ମାଧ୍ୟମରେ ପାଣ୍ଠି ବଣ୍ଟାଯିବ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ବ୍ଲକ୍‌କୁ ଯୋଜନାର ସିଂହ ଭାଗ ପାଣ୍ଠି ଦେବାକୁ ପଞ୍ଚାୟତିରାଜ ବିଭାଗ ଯୋଜନା କରିଛି ବୋଲି ସୂଚନା ମିଳିଛି।

# ଅଙ୍ଗନବାଡ଼ି କର୍ମୀ ଓ ସହାୟକଙ୍କ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି : ନବୀନ

**ଭୁବନେଶ୍ୱର, ୩/୨ ନ୍ୟୁଜ ବ୍ୟୁରୋ**

ଅଲ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟକା ସଂଘର ଏକ ପ୍ରତିନିଧି ଦଳ ସୋମବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାପରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ତାଙ୍କ ସହିତ ଆଲୋଚନା କରିଥିଲେ ।

ଏହି ଆଲୋଚନା ସମୟରେ ଶିଶୁବାଟିକାରେ ଅଙ୍ଗନବାଡ଼ି କର୍ମୀଙ୍କୁ ଶିକ୍ଷକ ଭାବରେ ନିଯୁକ୍ତି ଦେବା, ପଦୋନ୍ନତି ତଥା ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଆଦି ପ୍ରସଙ୍ଗରେ ସେମାନେ ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମା' ଓ ଶିଶୁମାନଙ୍କ କଲ୍ୟାଣରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଯେପରି ଗୁରୁ ଦାୟିତ୍ୱ ତୁଲାଇ ଆସୁଛନ୍ତି ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଜଣାଇବା ସହ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିନିଧିମାନଙ୍କୁ କହିଥିଲେ ।

ଏହି ଆଲୋଚନା ସମୟରେ ସଂଘର ଉପଦେଷ୍ଟା ସୁବାସ ସିଂ, ସଭାନେତ୍ରୀ ନନ୍ଦିନୀ ପଣ୍ଡା, ସମ୍ପାଦିକା ମଞ୍ଜୁଲତା ଦାସ, ସୁଶ୍ରୀ ସଂଗୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଦେଖି ଯା ସାଥୀ ତୋ ବିନା କେମିତି
କଟୁଛି ମୋ ରାତି ଦିନ
ବିରହ ବେଦନା ଅସହ୍ୟ ହେଲାଣି
ବୁଝୁ ନାହିଁ ଆଉ ମନ

କୁଆଡେ ଗଲୁ କେଉଁଠି ରହିଲୁ
ଭଲ ଲାଗୁନାହିଁ କିଛି
ସ୍ମୃତି ସବୁ ଆଜି ଅସ୍ଥିର କରୁଛି
କେମିତି ଦେବି ମୁରୁଛି

# ୧୮ରୁ +୨ ପରୀକ୍ଷା : ପରୀକ୍ଷା ଦେବେ ୩,୯୩,୬୧୮ ଛାତ୍ରଛାତ୍ରୀ, ୧୨ରୁ ହବ୍‌କୁ ଯିବ ପ୍ରଶ୍ନପତ୍ର

**ଭୁବନେଶ୍ୱର, ୩/୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୮ତାରିଖରୁ ଆରମ୍ଭ ହେବ +୨ ପରୀକ୍ଷା। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଏକା ସମୟରେ ହେବ। ଆସନ୍ତା ୧୨ରୁ ୧୫ ତାରିଖ ମଧ୍ୟରେ ହବ୍‌ଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଦୁଇଟି ପର୍ଯ୍ୟାୟରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପଠାଇବାକୁ ବ୍ୟବସ୍ଥା ହୋଇଛି। ସେହିପରି ପରୀକ୍ଷା ସରିବା ମାତ୍ରେ ଖାତାଦେଖା ଆରମ୍ଭ ହେବ। ଅନ୍‌ଲାଇନ୍ ମୂଲ୍ୟାୟନକୁ ଏଥର ଗୁରୁତ୍ୱ ଦେଉଛି ପରିଷଦ। ବିଶେଷକରି କଳା ବିଭାଗର ଓଡ଼ିଆ ଓ ଇଂରାଜୀ ବିଷୟର ଖାତାଦେଖା ବହୁ ବିଳମ୍ବ ହୋଇଥାଏ। ତେଣୁ ପ୍ରଥମଥର ଏହାକୁ ଅନ୍‌ଲାଇନ୍ ମୂଲ୍ୟାଙ୍କନ କରିବା ପାଇଁ ପରିଷଦ ପ୍ରସ୍ତୁତି କରିଛି। ପୂର୍ବରୁ ୨୭ଟି ଅନ୍‌ଲାଇନ୍ ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖା ହେଉଥିବା ବେଳେ ଏହାକୁ ୬୩କୁ ବଢ଼ାଯାଇଛି। ଫଳରେ କଳା, ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ଫଳ ଏକାବେଳେ ଏବଂ ରେକର୍ଡ ସମୟରେ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ମୋଟ୍ ୧୨୭୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ରେଗୁଲାର ଓ ଏକ୍ସ ରେଗୁଲାର ପିଲାଙ୍କୁ ମିଶାଇ ମୋଟ୍ ୩ଲକ୍ଷ ୯୩ ହଜାର ୬୧୮ ଜଣ ପିଲା ଫର୍ମ ପୂରଣ କରିଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ ଜଣ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୯୮୦, ବାଣିଜ୍ୟରେ ୨୫ ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ ଜଣ ପିଲା ରହିଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ପହଞ୍ଚାଇବାକୁ ପରିଷଦ ପ୍ରାଥମିକତା ଦେଇଛି। ଉପାନ୍ତ ତଥା ଦୂର ଜିଲ୍ଲାଗୁଡ଼ିକରେ ଥିବା ହବ୍‌କୁ ପ୍ରଥମେ ପ୍ରଶ୍ନପତ୍ର ପଠାଯିବ। ସ୍ୱତନ୍ତ୍ର ଗାଡ଼ି, ସୁରକ୍ଷା କର୍ମୀ ଓ ପରିଷଦ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ପଠାଯିବ। ପରୀକ୍ଷା କେନ୍ଦ୍ରରେ କେତେ ସଂଖ୍ୟକ ପ୍ରଶ୍ନପତ୍ର ଆବଶ୍ୟକ ରହିଛି, ସେ ସମ୍ପର୍କରେ ଜଣାଇବାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ କୁହାଯାଇଛି।

# ଶେଷ ହେଲା ବିଜେଡିର ସମନ୍ୱୟ କମିଟି ବୈଠକ : ଓଡ଼ିଆ ନବବର୍ଷ ପୂର୍ବରୁ ସରିବ ଦଳୀୟ ନିର୍ବାଚନ

**ଭୁବନେଶ୍ୱର, ୩/୨ ନ୍ୟୁଜ ବ୍ୟୁରୋ**

ଶଙ୍ଖ ଭବନରେ ଅନୁଷ୍ଠିତ ବିଜେଡି ସମନ୍ୱୟ କମିଟି ବୈଠକ ଶେଷ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ବିଜେଡିର ଆଗାମୀ ସାଙ୍ଗଠନିକ ନିର୍ବାଚନ ସହ ସଭ୍ୟ ସଂଗ୍ରହ ଓ ଆସନ୍ତା ବିଜୁ ଜୟନ୍ତୀ ପାଳନ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ସମନ୍ୱୟ କମିଟି ବୈଠକ ପରେ ଦଳର ବରିଷ୍ଠ ନେତା ପ୍ରଦୀପ ଅମାତ କହିଛନ୍ତି ଯେ ବିଜେଡି ସାଙ୍ଗଠନିକ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଛି। ସେଥିପାଇଁ ଦଳର ନିର୍ବାଚନ ଅଧିକାରୀ ପ୍ରତାପ ଦେବ ଆସିଥିଲେ। ସେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଠିକ ଭାବେ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ମଣ୍ଡଳୀ ନେତା ଓ ଜିଲ୍ଲା ନେତାଙ୍କ ସହ ଆଲୋଚନା କରି କାମ ଆରମ୍ଭ ହୋଇଛି। ଏହି ସପ୍ତାହରେ ଡିଆରଓ ନିଯୁକ୍ତି ହେବେ। ତା' ପରେ ଏଆରଓ



ନିଯୁକ୍ତି ପାଇବେ। ନିର୍ବାଚନ ପ୍ରକ୍ରିୟା ଓଡ଼ିଆ ନବ ବର୍ଷ ପୂର୍ବରୁ ସରିବ। ଏଥିରେ କାର୍ଯ୍ୟକାରିଣୀ କମିଟି ସଦସ୍ୟ, ଷ୍ଟେଟ କାଉନସିଲ ସଦସ୍ୟ ବି ଏହି ସମୟରେ ନିର୍ବାଚିତ ହେବେ। ଏହା ସହ ଦଳୀୟ ସଭାପତି ନିର୍ବାଚନ ମଧ୍ୟ ଓଡ଼ିଆ ନୂଆବର୍ଷ ପୂର୍ବରୁ ସରିବ ବୋଲି ପ୍ରଦୀପ ଅମାତ କହିଛନ୍ତି। ସେହିପରି ଆଗାମୀ ବିଧାନସଭାର ବଜେଟ ଅଧିବେଶନ ପାଇଁ ୧୨ ତାରିଖରେ ବସିବ ବିଜେଡି ବିଧାୟକ ଦଳ ବୈଠକ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନରେ ଏହି ବୈଠକ ଅନୁଷ୍ଠିତ ହେବ। ୧୨ ତାରିଖ ସନ୍ଧ୍ୟା ୫ଟାରେ ଶଙ୍ଖ ଭବନରେ ବସିବାକୁ ଥିବା ବୈଠକରେ ବିଧାନସଭା ପାଇଁ ବିଜେଡି ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯିବ। ସୂଚନାଯୋଗ୍ୟ ଫେବୃୟାରୀ ୧୩ରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ। ଫେବୃୟାରୀ ୧୩ରୁ ଆରମ୍ଭ ହୋଇ ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ବଜେଟ୍ ଅଧିବେଶନ ଚାଲିବ। ଫେବୃୟାରୀ ୧୩ରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବଜେଟ୍ ଅଧିବେଶନ। ଫେବୃୟାରୀ ୧୭ରେ ଆସିବ ରାଜ୍ୟ ବଜେଟ। ୨୦୨୫-୨୦୨୬ ବର୍ଷ ପାଇଁ ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ। ଏହାପରେ ଫେବୃୟାରୀ ୨୨ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ବନ୍ଦ ରହିବ ଅଧିବେଶନ। ପୁଣି ମାର୍ଚ୍ଚ ୭ରୁ ଏପ୍ରିଲ ୫ଯାଏ ଚାଲିବ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ।

# ଇଚ୍ଛାମୃତ୍ୟୁ କାର୍ଯ୍ୟକାରୀ କରିବାରେ ଭାରତର ପ୍ରଥମ ରାଜ୍ୟ କର୍ଣ୍ଣାଟକ

**ନୂଆଦିଲ୍ଲୀ, ୩।୨**

ଇଚ୍ଛାମୃତ୍ୟୁ ଉପରେ ଭାରତରେ ଦୀର୍ଘ ଦିନ ଧରି ବିତର୍କ ଚାଲିଛି। ଏହାର ପ୍ରକ୍ରିୟା ବହୁତ ଜଟିଳ। ତଥାପି, କର୍ଣ୍ଣାଟକ ଏପରି ଏକ ରାଜ୍ୟ ପାଲଟିଛି ଯେଉଁଠାରେ ସମ୍ମାନର ସହିତ ମରିବା ଅଧିକାର ପ୍ରଦାନ କରୁଥିବା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଛି । ଏହା ଅଧୀନରେ, ଦୁରାରୋଗ୍ୟ ରୋଗରେ ପୀଡିତ ବ୍ୟକ୍ତି କିମ୍ବା ହସ୍ପିଟାଲରେ ଲାଇଫ୍ ସପୋର୍ଟ ସିଷ୍ଟମରେ ରହିବା ସତ୍ତ୍ୱେ ଯେଉଁମାନଙ୍କର ଆରୋଗ୍ୟ ହେବାର କୌଣସି ସମ୍ଭାବନା ନାହିଁ, ସେମାନଙ୍କୁ ଇଚ୍ଛାମୃତ୍ୟୁର ଅଧିକାର ଦିଆଯାଇଛି। ଯଦିଓ କର୍ଣ୍ଣାଟକ ଇଚ୍ଛାମୃତ୍ୟୁ କାର୍ଯ୍ୟକାରୀ କରିବାରେ ଭାରତର ପ୍ରଥମ ରାଜ୍ୟ, କିନ୍ତୁ ବିଶ୍ୱରେ ଏପରି ଅନେକ ଦେଶ ଅଛି ଯେଉଁଠାରେ ଇଚ୍ଛାମୃତ୍ୟୁ ଆଇନ ପୂର୍ବରୁ ବଳବତ୍ତର ଅଛି। ଏହା



ଅଧୀନରେ, ଦୁରାରୋଗ୍ୟ ରୋଗରେ ପୀଡିତ ଲୋକଙ୍କୁ ସମ୍ମାନର ସହିତ ଜୀବନ ବିତାଇବାର ଅଧିକାର ଦିଆଯାଇଛି। ବିଶ୍ୱର କେତେକ ଦେଶରେ ଏପରି ଆଇନ ପ୍ରଚଳିତ ଅଛି । ସେଥିମଧ୍ୟରୁ ଅଷ୍ଟ୍ରେଲିଆରେ ସ୍ୱେଚ୍ଛାକୃତ ମୃତ୍ୟୁ ଆଇନ ବଳବତ୍ତର ଅଛି। ତଥାପି ଏଥିପାଇଁ କିଛି ନିୟମ ସ୍ଥିର କରାଯାଇଛି। ଇଚ୍ଛାମୃତ୍ୟୁ ପାଇଁ ଅନୁମତି କେବଳ ସେହି ବ୍ୟକ୍ତିଙ୍କୁ ଦିଆଯାଇପାରିବ ଯିଏକି ପ୍ରାପ୍ତବୟସ୍କ ଏବଂ ନିଜର ନିଷ୍ପତ୍ତି ନେବାକୁ ସମ୍ପୂର୍ଣ୍ଣ ସକ୍ଷମ । ଏହା ସହିତ ତାଙ୍କର ଏକ ଦୁରାରୋଗ୍ୟ ରୋଗ ହେବା ଉଚିତ ଯେଉଁଥିରେ ଛଅ ମାସ ମଧ୍ୟରେ ମୃତ୍ୟୁ ହେବାର ସମ୍ଭାବନା ରହିଛି। ବେଲଜିୟମରେ ମଧ୍ୟ କଠୋର ସର୍ତ୍ତାବଳୀରେ ଇଚ୍ଛାମୃତ୍ୟୁକୁ ଅପରାଧ ମୁକ୍ତ କରାଯାଇଛି। ଏହି ଆଇନ ଏଠାରେ ୨୦୦୨ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ଏହା ଅଧୀନରେ, ଯେଉଁ ଲୋକମାନେ ଅସହ୍ୟ ଶାରୀରିକ କିମ୍ବା ମାନସିକ ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି ଏବଂ ସେମାନଙ୍କ ଆରୋଗ୍ୟ ହେବାର କୌଣସି ଆଶା ନାହିଁ, ସେମାନଙ୍କୁ ଇଚ୍ଛାମୃତ୍ୟୁ ଅନୁମତି ଦିଆଯାଇଛି। ସେହିପରି କାନାଡାରେ ଏହି ଆଇନ ୨୦୧୬ ମସିହାରୁ ବଳବତ୍ତର ଅଛି। ଏଥିରେ ଗୁରୁତର ଏବଂ ଦୁରାରୋଗ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ। କଲମ୍ବିଆରେ ପ୍ରଥମ ଲାଟିନ୍ ଆମେରିକୀୟ ଦେଶ ଥିଲା ଯେଉଁଠାରେ ଆତ୍ମହତ୍ୟାକୁ ଅପରାଧ ମୁକ୍ତ କରାଯାଇଥିଲା। ଏହା ଅଧୀନରେ ଗମ୍ଭୀର ଏବଂ ଦୁରାରୋଗ୍ୟ ରୋଗରେ ପୀଡିତ ରୋଗୀମାନଙ୍କର ଇଚ୍ଛାମୃତ୍ୟୁର ଅଧିକାର ଅଛି। ନେଦରଲ୍ୟାଣ୍ଡରେ ଇଚ୍ଛାମୃତ୍ୟୁ ଆଇନ ପ୍ରଣୟନ ହୋଇଛି। ଏହି ଆଇନ୍ ଇଚ୍ଛାମୃତ୍ୟୁ ଏବଂ ଡାକ୍ତରଙ୍କ ସହାୟତାରେ ଆତ୍ମହତ୍ୟାକୁ ଅନୁମତି ଦିଏ। ତଥାପି, ଏହା ଡାକ୍ତରଙ୍କ ତତ୍ତ୍ୱାବଧାନରେ କରାଯାଏ। ନ୍ୟୁଜିଲ୍ୟାଣ୍ଡରେ ୨୦୧୯ ମସିହାରେ 'ଏଣ୍ଡ ଅଫ୍ ଲାଇଫ୍ ଚଏସ୍ ଆକ୍ଟ'କୁ ଆଇନରେ ପରିଣତ କରାଯାଇଥିଲା। ଯେଉଁ ବ୍ୟକ୍ତିମାନେ ଏକ ଅସାଧ ରୋଗରେ ପୀଡିତ, ଯାହାର ୬ ମାସ ମଧ୍ୟରେ ମୃତ୍ୟୁ ହେବାର ସମ୍ଭାବନା ଥାଏ, ସେମାନଙ୍କୁ ଇଚ୍ଛାମୃତ୍ୟୁ ଅନୁମତି ଦିଆଯାଇଛି। ସ୍ୱିଜରଲ୍ୟାଣ୍ଡରେ ମଧ୍ୟ ଇଚ୍ଛାମୃତ୍ୟୁ ଆଇନ ବଳବତ୍ତର ରହିଅଛି। ଏଠାରେ ବିଷାକ୍ତ ଇଞ୍ଜେକ୍ସନ ନେଇ ମରିବାକୁ ଅନୁମତି ଦିଆଯାଇଛି। ସେଠାର ସରକାର କିଛି ବର୍ଷ ପୂର୍ବେ ସୁସାଇଡ୍ ପଡକୁ ମଧ୍ୟ ଆଇନଗତ ଅନୁମୋଦନ ଦେଇଥିଲେ। ଏହି ମେସିନ୍ ସାହାଯ୍ୟରେ ଗମ୍ଭୀର ରୋଗରେ ପୀଡିତ ଲୋକମାନେ ବିନା ଯନ୍ତ୍ରଣାରେ ମୃତ୍ୟୁକୁ ଆଲିଙ୍ଗନ କରିପାରିବେ ବୋଲି ସୂଚନା ମିଳିଛି।

# ୧୫ ଶୁଆ ଶାବକ ସହ ୩ କଇଁଛ ଉଦ୍ଧାର : ୪ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୦୩/୦୨ ନ୍ୟୁଜ ବ୍ୟୁରୋ**

ବନ୍ୟଜନ୍ତୁ ଚାଲାଣକାରୀ ରାକେଟ୍‌ର ପର୍ଦ୍ଦାଫାଶ । ଗ୍ରାହକ ସାଜି ଚଢଉ କଲା ବୌଦ୍ଧ ବନବିଭାଗ ଟିମ୍ । ଏହି ଚଢଉରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୫ ଶୁଆ ଶାବକ ଓ ୩ ଟି କଇଁଛଙ୍କୁ ଉଦ୍ଧାର କରାଯାଇଛି । ଗିରଫ ଅଭିଯୁକ୍ତ ବୌଦ୍ଧ ଜିଲ୍ଲା କଣ୍ଟୁଆଣି ଗ୍ରାମର କିଶୋର ସାହୁ, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ଯୋଗେଶ୍ୱର ଦେହୁରୀ, ଆୟୁଷ ସାହୁ, ବଳରାମ ଜେନା ବୋଲି ଜଣାପଡ଼ିଛି । ସୂଚନା ମୁତାବକ ବୌଦ୍ଧରେ ବନ୍ୟଜନ୍ତୁ ଚାଲାଣକାରୀ ରାକେଟ୍ ସକ୍ରିୟ ଥିବା ନେଇ ବନବିଭାଗ ପୂର୍ବରୁ ସୂଚନା ପାଇଥିଲା । ସୂଚନା ପାଇ ଚାଲାଣକାରୀଙ୍କୁ ଧରିବା ପାଇଁ ଯୋଜନା କରିଥିଲା । ଶେଷରେ ଗ୍ରାହକ ସାଜି ଡିଲ୍ ବେଳେ ଚଢଉ କରିଥିଲା ବୌଦ୍ଧ ବନବିଭାଗ ଟିମ୍ । ଚଢଉ କରି ୧୫ ଶୁଆ ଶାବକ ଓ ୩ ଟି କଇଁଛ ଉଦ୍ଧାର କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହା ସହ ଘଟଣାର ଅଧିକ ତଦନ୍ତ ମଧ୍ୟ ଚଳାଇଛି ବନ ବିଭାଗ ଟିମ୍ ।

